ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.69 Bhubaneswar Saturday, April 24, 2021 | ୨୪ତମ ବର୍ଷ ସଂଖ୍ୟା–୬୯ ଭୁବନେଶ୍ୱର, ଶନିବାର, ଅପ୍ରେଲ ୨୪, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) | Member-INS

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ନୂଆଦିଲ୍ଲୀରେ ନିର୍ମାଣ ଭବନଙ୍କ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ର ସରକାରୀ ଡାକ୍ତରଖାନା ଏବଂ ଏଆଇଆଇଏମଏସର କୋଭିଡ଼-୧୯ ପରିଚାଳନା ପ୍ରସ୍ତୁତିର ସମୀକ୍ଷା କରିଥିଲେ

ଟ୍ୱିନ୍ ସିଟିରେ କଡାକଡି ହେବ ଯାଂଚ : ସିପି

ଭୁବନେଶ୍ୱର, ୨୩।୪(ପି.ଏନ): ଆସନ୍ତାକାଲି (ଶନିବାର)ଠାରୁ ରାଜ୍ୟର ସମସ୍ତ ସହରାଂଚଳରେ ଆରମ୍ଭ ହେବ ସପ୍ତାହାନ୍ତ ଶଟ୍ ଡାଉନ୍। ଉଭୟ ନାଇଟ୍ କର୍ଫ୍ୟୁ ଓ ସପ୍ତାହାନ୍ତ ଶଟ୍ ଡାଉନ୍ ସମୟରେ ଭୁବନେଶ୍ୱର - କଟକ ଟ୍ୱିନ୍ ସିଟିରେ କଡାକଡି ଯାଂଚ କରାଯିବ ବୋଲି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ସେ କହିଛନ୍ତି ଯେ ଟ୍ୱିନ୍ ସିଟିର ମୋଟ ୬୮ଟି ପଏଂଟରେ ଯାଂଚ କରାଯିବ। କଟକର ୨୫ ଓ ଭୁବନେଶ୍ୱରର ୪୩ଟି ସ୍ଥାନରେ ଚେକିଂ ପଏଂଟ ରହିବ। କଟକରେ ୧୨ପ୍ଲାଟୁନ୍ ପୋଲିସ୍ ଫୋର୍ସ ଓ ୧୦୦ ଅଫିସର ଏବଂ ଭୁବନେଶ୍ୱରରେ ୨୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଓ ୧୫୦ ଅଫିସର ନିୟୋଜିତ ହେବେ। ନାକା ପଏଂଟ ଗୁଡିକରେ ଲୋକମାନଙ୍କୁ ଯାଂଚ କରାଯିବ। ଜରୁରୀ ସେବା ସହ ଜଡିତ ଲୋକମାନଙ୍କ ଯାତାୟତ ସୁବିଧା କରାଯିବ। ଜରୁରୀ ସେବାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ କୌଣସି ପାସ୍ ର ବ୍ୟବସ୍ଥା ନାହିଁ। ନିଜ ରସଂସ୍ଥା ପକ୍ଷରୁ ଦିଆଯାଇଥିବା ପରିଚୟପତ୍ର ଦେଖାଇ ସେମାନେ ଯିବା ଆସିବା କରିପାରିବେ। ଲୋକଙ୍କ ଗତିବିଧି ଉପରେ ନଜର ରଖାଯିବ । କଣ ପାଇଁ ବୁଲୁଛନ୍ତି, କାହିଁକି ବାହାରକୁ ବାହାରିଛନ୍ତି ପଚରାଯିବ। ସମସ୍ତଙ୍କୁ କଟକଣା ପାଳନ କରିବାକୁ ପୋଲିସ୍ କମିଶନର ନିବେଦନ କରିବା ସହ ଅମାନିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ଆଜିଠୁ ସବୁ ସହରାଂଚଳରେ ସପ୍ତାହାନ୍ତ ଶଟ୍ ଡାଉନ୍ : ଘଂଟାଏ ପାଇଁ କୋହଳ

ଭୁବନେଶ୍ୱର, ୨୩।୪(ପି.ଏନ): ଆସନ୍ତାକାଲି (ଶନିବାର)ଠାରୁ ରାଜ୍ୟର ସମସ୍ତ ସହରାଂଚଳରେ ସପ୍ତାହାନ୍ତ ଶଟ୍ ଡାଉନ୍ ଆରମ୍ଭ ହେଉଛି। ଉଭୟ ଶନିବାର ଓ ରବିବାର ଶଟ୍‌ଡାଉନ୍ ହେବାକୁ ଥିବା ବେଳେ ଏହି ଦୁଇ ଦିନ ସକାଳ ୫ଟାରୁ ୬ଟା ପର୍ଯ୍ୟନ୍ତ ଘଂଟାଏ ଲାଗି କଟକଣା କୋହଳ କରାଯାଇଛି। ଏହି ସମୟ ମଧ୍ୟରେ ଲୋକେ ମର୍ଣ୍ଣିଂ ୱାକ୍ ଓ ସାଇକ୍ଲିଂ କରିବାକୁ ବାହାରକୁ ଆସିପାରିବେ। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା ଶକ୍ରବାର ଦିନ ଏହି ସୂଚନା ଦେଇଛନ୍ତି। ଏସ୍‌ଆରସି କହିଛନ୍ତି, ଶୁକ୍ରବାର ରାତିର ନାଇଟ୍ କର୍ଫ୍ୟୁ ଶେଷ ହେବା ପରେଶନିବାର ସକାଳୁ ସପ୍ତାହାନ୍ତ ଶଟ୍ ଡାଉନ୍ ଆରମ୍ଭ ହୋଇଯିବ। ଏହି ଶଟ୍‌ଡାଉନ୍ ସୋମବାର ସକାଳ ପର୍ଯ୍ୟନ୍ତ ରହିବ। ଏହି ସମୟରେ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ସମସ୍ତ ପ୍ରକାର ସେବା ବନ୍ଦ ରହିବ।ଅନ୍ୟପକ୍ଷରେ ଯେଉଁମାନେ ପଣ୍ଡିମବଙ୍ଗରୁ ଫେରୁଛନ୍ତି ବା ଯାଇ ଆସୁଛନ୍ତି ସେମାନେ କ୍ୱାରେଂଟାଇନ୍ ରେ ରହିବେ। ଯେଉଁମାନଙ୍କର ୭୨ ଘଂଟା ପୂର୍ବର ନେଗେଟିଭ୍ ରିପୋର୍ଟ ଥିବ ବା ୨ ଡୋଜ୍ ଟିକା ନେଇଥିବେ, ସେମାନେ ହୋମ୍ କ୍ୱାରେଂଟାଇନ୍ ରେ ରହିବେ। ସେହିପରି ଯେଉଁମାନଙ୍କର ରିପୋର୍ଟ ନଥିବା ବା ଯେଉଁମାନେ ଟିକା ନେଇ ନଥିବେ, ସେମାନେ ଇନ୍‌ଷ୍ଟିଚ୍ୟୁସନାଲ୍ କ୍ୱାରେଂଟାଇନ୍ ରେ ରହିବେ। ଆଉ ଯେଉଁମାନେ ହୋମ୍ କ୍ୱାରେଂଟାଇନ୍ ନିୟମ ଭାଙ୍ଗିବେ, ସେମାନଙ୍କୁ ଇନ୍‌ଷ୍ଟିଚ୍ୟୁସନାଲ୍ କ୍ୱାରେଂଟାଇନ୍ ରେ ରଖାଯିବ ବୋଲି ଶ୍ରୀ ଜେନା କହିଛନ୍ତି।

ଓଡିଶାରେ ବର୍ତମାନ ସୁଦ୍ଧା ଟ୍ରିପଲ ମ୍ୟୁଟାଂଟ ଚିହ୍ନଟ ହୋଇନାହିଁ

ଭୁବନେଶ୍ୱର, ୨୩।୪(ପି.ଏନ): ଓଡିଶାରେ ବର୍ତମାନ ସୁଦ୍ଧା ଟ୍ରିପଲ ମ୍ୟୁଟାଂଟ ଚିହ୍ନଟ ହୋଇଥିବା ଜଣାପଡ଼ିନାହିଁ ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ କହିଛନ୍ତି, ପଶ୍ଚିମବଙ୍ଗ, ଦିଲ୍ଲୀ, ଛତିଶଗଡ଼ରେ ଚିହ୍ନଟ ଏହା ହୋଇଛି। ଏହି ନୂଆ ଭୂତାଣୁ ଶୀଘ୍ର ବ୍ୟାପୁଛି। ଏହି ନୂଆ ଭୁତାଣୁକୁ କୋଭିଡ ଟିକା ରୋକିବ କି ନାହିଁ ତାହା ଅନୁଧ୍ୟାନ ଚାଲିଥିବା ସେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଦ୍ୱିତୀୟ ଡୋଜ ନେବା ପରେ ସଂକ୍ରମଣ କମ ହେବା ଆଶଙ୍କା ରହିଛି । ତେଣୁ ୨ୟ ଡୋଜ ନେବା ପାଇଁ ସେ ଲୋକ ମାନଙ୍କୁ ଅପିଲ କରିଛନ୍ତି । ସେ କହିଛନ୍ତି ଯେ ଘରୋଇ ହସ୍ପିଟାଲକୁ ରାଜ୍ୟ ସରକାର ଟିକା ଦେବେ ନାହିଁ । ଟିକା ଉତ୍ପାଦନ ସଂସ୍ଥା ଠାରୁ ଘରୋଇ ହସ୍ପିଟାଲ ୬୦୦ ଟଙ୍କାରେ ଟିକା କିଣିବେ। ଓଡ଼ିଶାରେ ୫୪ ଲକ୍ଷ ଡୋଜ କରାଯାଇଛି। ଟିକା ନେଲେ ମୃତ୍ୟୁ ହାର କମ୍ ରହିବ ଅଧିକ ସଂକ୍ରମଣ ହେବ ନାହିଁ । ଓଡ଼ିଶାରେ ଟିକାର ପ୍ରଥମ ଡୋଜ ନେଇ ପାଖାପାଖି ୫୦ଜଣ ସଂକ୍ରମଣ ହେଉଛନ୍ତି। ଦ୍ୱିତୀୟ ଡୋଜ ନେଲେ ସଂକ୍ରମଣ ହେବ ନାହିଁ। ଶନି ଓ ରବିବାର ଟିକାକରଣ କାର୍ଯ୍ୟକ୍ରମ ବନ୍ଦ ରହିବ ଓ ସୋମବାର ଠାରୁ ଶୁକ୍ରବାର ଟୀକା କରଣ ଚାଲୁରହିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଟିକା ଅଭାବରୁ ୮୦୦ କେନ୍ଦ୍ର ବନ୍ଦ ଅଛି।

ଶନିବାର,ରବିବାର ବନ୍ଦ ରହିବ ମୋ ବସ୍

ଭୁବନେଶ୍ୱର, ୨୩।୪(ପି.ଏନ): କରୋନା ସଂକ୍ରମଣ ବଢୁଥିବା ଯୋଗୁଁ ଆସନ୍ତାକାଲି ଠାରୁ ଭୁବନେଶ୍ୱର କଟକ ସମେତ ରାଜ୍ୟର ସମସ୍ତ ସହରାଂଚଳରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି ସରକାର। ଏହି ସପ୍ତାହାନ୍ତ ଶଟ୍ ଡାଉନ୍ ବେଳେ ରାଜଧାନୀ ଭୁବନେଶ୍ୱରରେ 'ମୋ ବସ୍ 'ର ନିୟମିତ ସେବା ବନ୍ଦ ରହିବ।

ଗୋଟିଏ ଦିନରେ ୬୨୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୨୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୯୪୬୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୫୩୫୫୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୯୧୧୭ ରହିଛି । ଆଜି ଚିହ୍ନଟ ହୋଇଥିବା ୬୨୧୫ ଜଣଙ୍କ ମଧ୍ୟରୁ ୩୬୦୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୯୫୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୯ ଜଣ, ବରଗଡ଼ରୁ ୨୬୮ ଜଣ, ଭଦ୍ରକରୁ ୮୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୨୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୦, କଟକରୁ ୩୮୩ ଜଣ, ଦେବଗଡ ଜିଲ୍ଲାରୁ ୩୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୬ ଜଣ, ଗଜପତି ଜିଲ୍ଲାରୁ ୪୭, ଗଞ୍ଜାମରୁ ୬୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୨ ଜଣ, ଯାଜପୁରରୁ ୮୫ ଜଣ, ଝାରସୁଗୁଡ଼ାରୁ ୨୬୧ଜଣ, କଳାହାଣ୍ଡିରୁ ୬୮୨ ଜଣ, କନ୍ଧମାଳ ଜିଲ୍ଲାରୁ ୩୪ ଜଣ. କେନ୍ଦ୍ରାପଡ଼ାରୁ ୪୧ ଜଣ, କେନ୍ଦୁଝରରୁ ୧୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୫୦ ଜଣ, କୋରାପୁଟରୁ ୫୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୧୫ ଜଣ, ନବରଙ୍ଗପୁରରୁ ୨୫୭ ଜଣ, ନୟାଗଡ଼ରୁ ୮୨ ଜଣ, ନୂଆପଡ଼ାରୁ ୪୪୬ ଜଣ, ପୁରୀରୁ ୩୦୬ ଜଣ, ରାୟଗଡ଼ାରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୬୩ ଜଣ, ସୋନପୁରରୁ ୬୫ ଜଣ, ସୁନ୍ଦରଗଡ଼ରୁ ୬୮୪ ଜଣ ଓ ଷ୍ଟେଟ୍ ପୁଲରୁ ୧୯୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ରାଜଧାନୀରେ ଆଉ ୬୯୮ ପଜିଟିଭ୍

ଭୁବନେଶ୍ୱର, ୨୩।୪(ପି.ଏନ): ରାଜଧାନୀରେ ହୁ ହୁ ହୋଇ ବଢୁଛି କରୋନା ସଂକ୍ରମଣ। ବିଶେଷ କରି ନୟାପଲ୍ଲୀ , ପଟିଆ , ଚନ୍ଦ୍ରଶେଖରପୁର ଓ ବରମୁଣ୍ଡା ଆଦି ଅଂଚଳରୁ ସବୁଦିନ ବହୁ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେବା ଚିନ୍ତାର କାରଣ ପାଲଟିଛି। ଏହି କ୍ରମରେ ଆଜି (ଶୁକ୍ରବାର) ଦୈନିକ ସଂକ୍ରମଣ ୭୦୦ ମୁହାଁ ହୋଇଛି। ଆଜି ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ଆଉ ୬୯୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ସଂଗରୋଧରୁ ୧୫୦ ଓ ସ୍ଥାନୀୟ ଅଚଂଳରୁ ୫୪୮ ସଂକ୍ରମିତ ଅଛନ୍ତି। ୨୪ ଘଂଟାରେ ୩୧୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଅପରପକ୍ଷରେ ଦୀର୍ଘ ଦିନର ବ୍ୟବଧାନ ପରେ ରାଜଧାନୀରେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୮୪୯୨କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୩୩ ୮୦୩କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୪୪୧୭ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୫୧ ରହିଛି।ଶୁକ୍ରବାର ଚିହ୍ନଟ ୬୯୮ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୪୩, ଓଲ୍ଡ ଟାଉନ୍ ରୁ ୩୨ , ପଟିଆରୁ ୨୯, ଚନ୍ଦ୍ରଶେଖରପୁର ୨୮, ବରମୁଣ୍ଡାରୁ ୨୪ ,ଖଣ୍ଡଗିରି ଓ ଝାରପଡାରୁ ୧୭ ଲେଖାଏଁ , ଲକ୍ଷ୍ମୀସାଗରରୁ ୧୬ ,ରସୁଲଗଡରୁ ୧୫, ୟୁନିଟ୍ ୬ ରୁ ୧୪ , ସୁନ୍ଦରପଦାରୁ ୧୨ , ବାପୁଜୀନଗରରୁ ୧୧ ଆକ୍ରାନ୍ତ ରହିଛନ୍ତି। ସେହିପରି କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ନୟାପଲ୍ଲୀରୁ ୧୫ ,ପଟିଆରୁ ୧୦ , ଖଣ୍ଡଗିରିରୁ ୯, ଝାରପଡାରୁ୮ ଜଣ ଆକ୍ରାନ୍ତ ରହିଛନ୍ତି।

ମୁଖ୍ୟ ଶାସନ ସଚିବଙ୍କ କୋଭିଡ୍ ସ୍ଥିତି ସମୀକ୍ଷା

ଭୁବନେଶ୍ୱର,୨୩।୪(ପିଏନ):ଜିଲ୍ଲାପାଳମାନେ ସେମାନଙ୍କର କୋଭିଡ୍ କଲ୍ ସେଂଟରଗୁଡ଼ିକୁ ୨୪ ଘଂଟିଆ ସମ୍ପୂର୍ଣ୍ଣ ସକ୍ରିୟ ଏବଂ ପ୍ରତିକ୍ରିୟାଶୀଳ ରଖିବା ସହ ଅତି କମ୍ ସମୟ ମଧ୍ୟରେ ରୋଗୀମାନଙ୍କ ପାଖରେ ପହଂଚିବା ଏବଂ ଘରେ ଥିବା ଆଇସୋଲେସନ୍ ମାମଲାଗୁଡ଼ିକ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ଶୁକ୍ରବାର ଦିନ ରାଜ୍ୟରେ କୋଭିଡ୍ ପରିସ୍ଥିତି ଉପରେ ସମୀକ୍ଷା କରିବା ଅବସରରେ ମୁଖ୍ୟ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରୋଗୀ ଯେତେବେଳେ ଆବଶ୍ୟକ କରନ୍ତି କିମ୍ବା ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଅଣାଯିବା ଉଚିତ୍ । ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦେବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହା ଦ୍ୱାରା ସେମାନେ ଡାକ୍ତରଖାନାରେ ଭିଡ ଜମାଇବେ ନାହିଁ। ସମସ୍ତ ଜିଲ୍ଲା ଅମ୍ଳଜାନ ସୁବିଧା ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଉଚିତ୍ ।ସମସ୍ତ କୋଭିଡ ଡାକ୍ତରଖାନାରେ ଅଗ୍ନି ନିର୍ବାପକ ଦଳ ନିୟୋଜିତ କରିବାକୁ ଏସପି ଏବଂ କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଇସ୍ପାତ୍ କାରଖାନାରୁ ମେଡିକାଲ ଅକ୍ସିଜେନ୍ ଯୋଗାଣ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୪(ପି.ଏନ): ସାରା ଭାରତବର୍ଷର ଇସ୍ପାତ୍ କାରଖାନା ଗୁଡ଼ିକ ପକ୍ଷରୁ ବର୍ତମାନ ସୁଦ୍ଧା ୧.୪୩ ଲକ୍ଷ ମେଟ୍ରିକ୍ ଟନ୍ ଲିକ୍ୟୁଇଡ୍ ମେଡ଼ିକାଲ ଅକ୍ସିଜେନ୍ ଉପଲବ୍ଧ କରାଯାଇଥିବା ବେଳେ ସେଥିମଧ୍ୟରୁ ରାଷ୍ଟ୍ରାୟତ ଇସ୍ପାତ୍ ଉଦ୍ୟୋଗ ଗୁଡ଼ିକ ୩୯ ହଜାର ମେଟ୍ରିକ୍ ଟନରୁ ଅଧିକ ଅକ୍ସିଜେନ ଉପଲବ୍ଧ କରାଇଛନ୍ତି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କୋଭିଡ୍-୧୯ ମହାମାରୀର ଲଢ଼େଇ କରିବା ପାଇଁ ଦେଶ ଏକାଠୀ ହୋଇଛି। ଇସ୍ପାତ୍ କ୍ଷେତ୍ର ମଧ୍ୟ ଏହି କୋଭିଡ୍-୧୯ ଯୁଦ୍ଧରେ ଦେଶବାସୀଙ୍କ ସାଥିରେ ରହିଛନ୍ତି। ସାରା ଭାରତବର୍ଷର ଇସ୍ପାତ କାରଖାନା ଗୁଡ଼ିକ ମେଡ଼ିକାଲ ଅକ୍ସିଜେନ୍ ଯୋଗାଉଛନ୍ତି। ଓଡ଼ିଶାର ରାଉରକେଲା ଇସ୍ପାତ କାରଖାନା ଏବଂ ଟାଟା ଷ୍ଟିଲର କଳିଙ୍ଗ ନଗର କାରଖାନାରୁଦିଲ୍ଲୀକୁ ମେଡ଼ିକାଲ ଅକ୍ସିଜେନ୍ ଯୋଗାଯାଉଛି। ଗତକାଲି ଭାଇଜାଗର ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ (ଆରଆଇ ଏନଏଲ)ରୁ ଏକ ଅକ୍ସିଜେନ ଟ୍ରେନ ମହାରାଷ୍ଟ୍ରକୁ ପଠାଯାଇଛି। ଆଜି ମଧ୍ୟ ବୋକାରୋ ଇସ୍ପାତ୍ କାରଖାନାରୁ ଅନ୍ୟ ଏକ ଅକ୍ସିଜେନ୍ ଟ୍ରେନ୍ ଉତରପ୍ରଦେଶକୁ ପଠାଯାଇଛି। ବର୍ତମାନର କଠିନ ସମୟରେ ଇସ୍ପାତ୍ କମ୍ପାନୀମାନେ ଏକାଠି ହେବା ସହ ଦେଶର ଆହ୍ୱାନ କ୍ରମେ ମେଡିକାଲ ଅକ୍ସିଜେନ୍ ଉତ୍ପାଦନ ପାଇଁ ଦିନରାତି ୨୪ ଘଂଟା କାମ କରୁଥିବାରୁ ଶ୍ରୀପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

କୌଶଳ ବିକାଶ ନାଁରେ ୫୬୮.୪୩ କୋଟି ଟଙ୍କା ଠକିଛନ୍ତି ରାଜ୍ୟ ସରକାର :ବିଜେପି

ଭୁବନେଶ୍ୱର,୨୩।୪(ପିଏନ):୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟୀତ୍ୱ ନେବା ପରେ ଦେଶର ଯୁବକଯୁବତୀଙ୍କୁ ରୋଜଗାର ପ୍ରଦାନ କରିବା ପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଦୀନଦୟାଳ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କାର୍ଯ୍ୟକାରୀ କରାଇଥିଲେ ମାତ୍ର ଓଡିଶାରେ ଯୁବକଯୁବତୀମାନଙ୍କ ଦକ୍ଷତାର ବିକାଶ ସମ୍ଭବ ହୋଇପାରିଲା ନାହିଁ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ସିଏଜି ରିପୋର୍ଟରେ ପ୍ରକାଶ ପାଇଥିବା ତଥ୍ୟାନୁଯାୟୀ, ରାଜ୍ୟ ସରକାର ଓଡିଶାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ପ୍ରଦାନ ନାଁରେ ପ୍ରତାରିତ କରିଛନ୍ତି । ୨୦୧୪-୨୦୧୯ ମସିହା ଭିତରେ ଏହି ବାବଦରେ ଆସିଥିବା ୫୬୮.୪୩ କୋଟି ଟଙ୍କାକୁ ପଂଚାୟତରାଜ ବିଭାଗ ସହାୟତାରେ ରାଜ୍ୟ ସରକାର ଏବଂ ଅମଲାମାନେ ମିଳିମିଶି ସଂପୂର୍ଣ୍ଣ ହରିଲୁଟ କରିଛନ୍ତି ଏବଂ ଓଡିଶାର ଯୁବକଯୁବତୀମାନଙ୍କୁ ରୋଜଗାରରୁ ବଂଚିତ କରିଛନ୍ତି । ଦକ୍ଷତା ବିକାଶ ନାଁରେ ଓଡିଶା ଯୁବକଯୁବତୀମାନଙ୍କୁ ନିଯୁକ୍ତି ନଦେଇ ଦାଦନ ଖଟିବା ପାଇଁ ଅନ୍ୟତ୍ର ପଠେଇ ଦେଇ କେନ୍ଦ୍ର ସରକାରଙ୍କ ୫୬୮,୪୩ କୋଟି ଟଙ୍କା ଆତ୍ମସାତ କରିଛନ୍ତି ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା, ପ୍ରମୁଖ ସଚିବ ଦେଓ ରଂଜନ ସିଂହ ଓ ଓରମାସର ନିର୍ଦ୍ଦେଶକ ବି.ଏନ.ଦାସ ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି ।ପଂଚାୟତରାଜ ବିଭାଗ ସଚିବ ଭାବେ ଡି.କେ.ସିଂହ ଦୀର୍ଘ ୯ ବର୍ଷରୁ ଉର୍ଦ୍ଧ୍ୱ ଦାୟୀତ୍ୱ ତୁଲାଉଥିବାବେଳେ ଓରମାସ୍‌ର ମୁଖ୍ୟ ଭାବେ ବି.ଏନ.ଦାସ ଦୀର୍ଘ ୨୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦାୟୀତ୍ୱରେ ଅଛନ୍ତି । ରାଜ୍ୟ ସରକାରଙ୍କ ତଥ୍ୟାନୁଯାୟୀ ୫ ବର୍ଷରେ ୧୩୧୮୫୪ ଯୁବକଯୁବତୀମାନଙ୍କୁ ତାଲିମ ଦିଆଯାଇଥିବାବେଳେ ୯୭,୧୯୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ମାତ୍ର ଏହି ତଥ୍ୟ ୭୭ ପ୍ରତିଶତ ମିଥ୍ୟା ଓ

ଟି ଟାଇମ୍

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ପୁରାଣ କାହାଣୀ

ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ । କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୟତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ । ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା । ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ । ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ । ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ । ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା । ତେଣୁ ରାବଣ ବଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ । ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ । ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ । ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ । ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ । ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ । ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ରାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଧ କଲେ ।

ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର । ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା । କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି । ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ । ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ । ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର । ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର । ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ । ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା । ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ । ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯଣ୍ଟ୍ୟ କରୁଥିଲେ । ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ । ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ । ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ । ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ । ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ । ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା । ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ । ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା । ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ । ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ । ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା । ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା । ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା । ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ । ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ । ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା । ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା । ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ । କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ । ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜନକ ହେଉଥିଲା । ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ । ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ । ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ । ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା । କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା । କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା । ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା । ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ । ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ । ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ ।

ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର । ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି । ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି । ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ । ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି । ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ । ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ । ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ । ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ । ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର । ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ । ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି । ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ ।

ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା । ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ । ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ । ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ । ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ । ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ । ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ । ପ୍ରଜା ପାଳନ

ଟିକି ବିପ୍ଳବୀ : ନୀଳମଣି ରାଉତରାୟ



ପରାଧୀନତାର କଳାବାଦଲ ପବିତ୍ର ଭାରତମାତକୁ କରାୟତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧୀନତାର ବହ୍ନି ପ୍ରଜ୍ଜ୍ୱଳିତ । ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ, ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୁହୂର୍ତ୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମଗ୍ରହଣ କଲେ ମହାନ୍ ବିପ୍ଳବୀ ଜନନାୟକ ନୀଳମଣି । ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା' ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ ହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି, କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି କରି ସଭାକାର୍ଯ୍ୟ ଚଳାଇଲେ । ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡିଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେକଲେ । ସେହିଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେଓ୍ୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇ ନ ଥିଲା ।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍‌ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍‌ସା କଲେଜର ଅଧ୍ୟକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତାମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍‌ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧ୍ୟକ୍ଷଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ ।

ସେ ସମୟରେ ଆଇନ କଲେଜ ରେଭେନ୍‌ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘଟ ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ରପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ । ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା । ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା । ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇ ନ ଥିଲେ । ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ । ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା । ବହୁ ଛାତ୍ର ଗିରଫ ହେଲେ । ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରୱାନା ଜାରି କଲେ । ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା । ରେଭେନ୍‌ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ । ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶଦିନ ଜେଲ୍‌ରେ ରହିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ ।

ନୀଳମଣି ରେଭେନ୍‌ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷରେ ଡଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା । ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତା ମାନଙ୍କ ସହ ଭଲ ସଂପର୍କ ରଖୁଥିଲେ । ରାଜନାରାୟଣ ଓ କେଦାର ପାଣ୍ଡେଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ଥିଲା ।



୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ରୁଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟା ଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ରସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରି ରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚିଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ-ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା । ନୀଳମଣି ଡହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁକୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା ।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚଶ୍ରେଣୀର ବନ୍ଦୀ ରୂପେ ରାଜନେତାମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ । ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଳଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭ କଲେ । 'ପ୍ରଜାତନ୍ତ୍ର'ର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ । ବାଚସ୍ପତି ଲାଲ୍‌ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ ।

୧୯୪୯ ମସିହାରେ ନୀଳମଣି ନଳିନୀଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳିନୀଦେବୀଙ୍କର ଓଡିଆ, ବଙ୍ଗଳା ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରିମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରିମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରିମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବି

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଏପ୍ରିଲ୍ ୨୪

ଓଡ଼ିଶାରେ ନିରକ୍ଷରତା ବ୍ୟାଧି !

ଓଡ଼ିଶାରେ ପ୍ରତି ପାଂଚଜଣରେ ହାରାହାରି ଜଣେ ନିରକ୍ଷର । ରାଜ୍ୟରେ ସାକ୍ଷରତା ହାର ବୃଦ୍ଧି ପାଉଥିଲେ ମଧ୍ୟ କୋଟିଏ ପାଖାପାଖି ଲୋକ ନିରକ୍ଷରତା ବ୍ୟାଧିରେ ଘାଣ୍ଟି ହେଉଛନ୍ତି । ଓଡ଼ିଶାର ଦାରିଦ୍ର୍ୟ, ଅନଗ୍ରସରତା ସହିତ ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ରହିବା ଏବଂ ଦେଶର ବହୁ ରାଜ୍ୟ ତୁଳନାରେ ଏଠାରେ ମଣିଷର ହାରାହାରି ପରମାୟୁ କମ୍ ଥିବାର ଅନ୍ୟତମ କାରଣ ନିରକ୍ଷରତା ବୋଲି ଯୋଜନା ବିଶାରଦମାନେ କହୁଛନ୍ତି । ଗତ ଜନଗଣନା ବେଳକୁ ଓଡ଼ିଶାରେ ସାକ୍ଷରତା ହାର ୭୩.୪୫ ପ୍ରତିଶତ ଥିଲା । ପୂର୍ବ ଜନଗଣନାରେ ଏହା ୬୩.୦୮ ପ୍ରତିଶତ ରହିଥିଲା । ମୋଟାମୋଟି ଭାବେ ଗତ ଜନଗଣନା ବେଳକୁ ରାଜ୍ୟର ପୁରୁଷମାନଙ୍କ ମଧ୍ୟରୁ ୮୨.୪୦ ପ୍ରତିଶତ ଓ ମହିଳାଙ୍କ ଭିତରୁ ୬୪.୩୬ ପ୍ରତିଶତ ସାକ୍ଷର ଥିଲେ ବୋଲି ସରକାରୀ ପରିସଂଖ୍ୟାନ କହୁଛି । ତେବେ ବର୍ତ୍ତମାନ ଏହି ହାର କେତେ ରହିଛି ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରୁନଥିଲେ ମଧ୍ୟ ସାକ୍ଷରତାର ମାତ୍ରା ବୃଦ୍ଧି ପାଇଛି ବୋଲି ସରକାର ଆଶା କରୁଛନ୍ତି । ଓଡ଼ିଶାରେ ସାତ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରୁ ଗତ ଜନଗଣନା ବେଳକୁ ନିରକ୍ଷରଙ୍କ ସଂଖ୍ୟା ଥିଲା ୯୭,୯୯,୩୩୨ । ଏମାନଙ୍କ ମଧ୍ୟରୁ ପୁରୁଷ ନିରକ୍ଷରଙ୍କ ସଂଖ୍ୟା ୩୨,୭୨,୪୩୪ ଥିବାବେଳେ ନିରକ୍ଷରା ମହିଳାଙ୍କ ସଂଖ୍ୟା ଥିଲା ୬୫,୨୬,୮୯୮ । ଅର୍ଥାତ ଓଡ଼ିଶାରେ ଯେତେ ନିରକ୍ଷର ପୁରୁଷ ରହିଛନ୍ତି ତାହାର ୨ଗୁଣ ହେଉଛି ନିରକ୍ଷରା ମହିଳାଙ୍କ ସଂଖ୍ୟା । ଗଞ୍ଜାମରେ ସର୍ବାଧିକ ୮ଲକ୍ଷ ୭୭ ହଜାରରୁ ଊର୍ଦ୍ଧ୍ୱ ନିରକ୍ଷର ଥିବାବେଳେ ମୟୂରଭଞ୍ଜରେ ୭ଲକ୍ଷ ୮୩ ହଜାର, କୋରାପୁଟରେ ୫ଲକ୍ଷ ୮୨ ହଜାର, କଳାହାଣ୍ଡିରେ ୫ଲକ୍ଷ ୪୦ ହଜାର, ନବରଙ୍ଗପୁରରେ ୫ଲକ୍ଷ ୨୬ ହଜାର, କେନ୍ଦୁଝରରେ ୪ଲକ୍ଷ ୮୦ ହଜାର, ସୁନ୍ଦରଗଡ଼ରେ ୪ଲକ୍ଷ ୭୩ ହଜାର, ବଲାଙ୍ଗୀରରେ ୪ଲକ୍ଷ ୫୭ହଜାର, ରାୟଗଡ଼ାରେ ୪ଲକ୍ଷ ୩ ହଜାର ନିରକ୍ଷର ଗତ ଜନଗଣନା ବେଳକୁ ଥିଲେ । ମୋଟାମୋଟି ଭାବେ ଆଦିବାସୀ ଅଧୁଷିତ ଜିଲ୍ଲାଗୁଡ଼ିକରେ ନିରକ୍ଷର ଲୋକଙ୍କ ସଂଖ୍ୟା ଆମ ରାଜ୍ୟରେ ଅଧିକ ରହିଛି । ସେହିଭଳି ଗଞ୍ଜାମ ଜିଲ୍ଲାରେ ପାଖାପାଖି ୬ଲକ୍ଷ ନିରକ୍ଷର ମହିଳା ଥିବାବେଳେ ମୟୂରଭଞ୍ଜରେ ୫ଲକ୍ଷ ୧୨ ହଜାର ସାକ୍ଷରତାର ଆଲୋକ ଦେଖିନାହାନ୍ତି । କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, କେନ୍ଦୁଝର, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ୩ରୁ ୪ଲକ୍ଷ କରି ନିରକ୍ଷର ମହିଳା ଥିବା ଗତ ଜନଗଣନା ବେଳେ ଜଣାପଡ଼ିଥିଲା । ମୋଟାମୋଟି ଭାବେ ଓଡ଼ିଶାରେ ନିରକ୍ଷର ଲୋକଙ୍କ ସଂଖ୍ୟା ରାଜ୍ୟର ପ୍ରାୟ ୧୧ଟି ଜିଲ୍ଲାର ମୋଟ ଜନସଂଖ୍ୟା ସହିତ ସମାନ । ନିରକ୍ଷରତା ବ୍ୟାଧିର ନିରାକରଣ ପାଇଁ ସାକ୍ଷର ଭାରତ କାର୍ଯ୍ୟକ୍ରମରେ ଓଡ଼ିଶାର ୧୯ଟି ଆଦିବାସୀ ଅଧୁଷିତ ଜିଲ୍ଲାକୁ ସାମିଲ କରାଯାଇଥିଲା । ସେଥିରୁ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ବଲାଙ୍ଗୀର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପରେ ଆଉ ୧୬ଟି ଜିଲ୍ଲାକୁ ତାହା ପ୍ରସାରଣ କରାଯାଇଛି । ତେବେ ରାଜ୍ୟ ସାକ୍ଷରତା ମିଶନର ବୈଠକ ପ୍ରାୟ ଦଶବର୍ଷ ହେବ ଅନୁଷ୍ଠିତ ହୋଇନାହିଁ । ଅନ୍ୟପକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ କହୁଛନ୍ତି ଯେ ଶିକ୍ଷା ଅଧିକାର ଆଇନ ଓ ସର୍ବଶିକ୍ଷା ଅଭିଯାନ ସହିତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସଫଳତାର ସହ ଚାଲୁଥିବାରୁ ଆଗାମୀ ଜନଗଣନା ବେଳକୁ ଓଡ଼ିଶାର ସାକ୍ଷରତା ହାର ଢେର ବୃଦ୍ଧି ପାଇବ ।

ଆଜିର ଅନୁଚିନ୍ତା

ଆତ୍ମପ୍ରତାରଣା ବା ଆତ୍ମଛଳନା ହିଁ ମନୁଷ୍ୟର ବଡ଼ ଶତ୍ରୁ ।

ମାଆର ଶାପ

ମଧ୍ୟମ ପାଣ୍ଡବ ଅର୍ଜୁନ ଥିଲେ ଶ୍ରେଷ୍ଠ ଧନୁର୍ଦ୍ଧର । କୈଳାସପତି ଶିବ ତୁଷ୍ଟ ହୋଇ ତାଙ୍କୁ ଅମୋଘ ପାଶୁପତ ଅସ୍ତ୍ର ପ୍ରଦାନ କରିଥିଲେ । ସ୍ୱର୍ଗ ରାଜ୍ୟରେ ଅସୁରମାନଙ୍କ ଉତ୍ପାତ ବୃଦ୍ଧି ପାଇବାରୁ ଦେବରାଜ ଇନ୍ଦ୍ର ସେମାନଙ୍କୁ ଦମନ କରିବା ନିମନ୍ତେ ଅର୍ଜୁନଙ୍କୁ ସ୍ୱର୍ଗପୁର ନେଇଗଲେ । ଇନ୍ଦ୍ର ତଥା ଅନ୍ୟାନ୍ୟ ଦେବଗଣ ଅର୍ଜୁନଙ୍କୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଦାନ କଲେ । ଦିବ୍ୟାସ୍ତ୍ରସମୂହର ଅଧିକାରୀ ହୋଇ ଅର୍ଜୁନ ସ୍ୱର୍ଗପୁରରେ ଦୌରାତ୍ମ୍ୟ କରୁଥିବା ଅସୁରମାନଙ୍କୁ ନିଃଶେଷ କଲେ । ଅସୁରମାନେ ନିରନ୍ତର ସ୍ୱର୍ଗରାଜ୍ୟ ଆକ୍ରମଣ କରୁଥିବାରୁ ଦେବତାମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ । ସେମାନଙ୍କୁ ଦମନ କରିଥିବାରୁ ଦେବରାଜ ଅତ୍ୟନ୍ତ ପ୍ରସନ୍ନ ହୋଇ ଇନ୍ଦ୍ରସଭାରେ ଅର୍ଜୁନଙ୍କୁ ପାର୍ଶ୍ୱରେ ବସାଇଲେ । ଅପସରାମାନେ ନୃତ୍ୟଗୀତ କଲେ । ଅପ୍‌ସରାମାନଙ୍କୁ ଇନ୍ଦ୍ର ଜଣଜଣ କରି ଅର୍ଜୁନଙ୍କ ସହ ପରିଚୟ କରାଇ ଦେଉଥାନ୍ତି । ଅର୍ଜୁନ ପ୍ରତ୍ୟେକଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କରୁଥାନ୍ତି । ଇନ୍ଦ୍ର ଏହା ଜାଣିବାକୁ ଚାହୁଁଥିଲେ ଅପ୍‌ସରାମାନଙ୍କ ମଧ୍ୟରୁ କାହାପ୍ରତି ଅର୍ଜୁନ ବେଶୀ ପ୍ରସନ୍ନ । ଅର୍ଜୁନ କିନ୍ତୁ ସେମାନଙ୍କୁ ପ୍ରିୟପରିଜନ ଦୃଷ୍ଟିରେ ଦେଖୁଥାନ୍ତି । ଦେବରାଜ ଇନ୍ଦ୍ର ଅର୍ଜୁନଙ୍କୁ ପ୍ରସନ୍ନ କରିବା ପାଇଁ ସର୍ବଶ୍ରେଷ୍ଠ ସୁନ୍ଦରୀ ଉର୍ବଶୀଙ୍କୁ ଉପଯୋଗ କଲେ । ଇନ୍ଦ୍ରଙ୍କର ଧାରଣା ହେଲା ଅର୍ଜୁନଙ୍କୁ ପ୍ରଲୁବ୍ଧ କରିବା ନିମନ୍ତେ ଉର୍ବଶୀ ଶ୍ରେଷ୍ଠ । ଆଦେଶ ପାଇବା ପରେ ଉର୍ବଶୀ ଅର୍ଜୁନଙ୍କ ବିଶ୍ରାମ କକ୍ଷ ନିକଟରେ ପହଞ୍ଚି ଦ୍ୱାରରେ କରାଘାତ କଲେ । ଦ୍ୱାର ଖୋଲିବା ମାତ୍ରେ ଅର୍ଜୁନ ଉର୍ବଶୀଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ନିଜ ଚକ୍ଷୁକୁ ବିଶ୍ୱାସ କରିପାରିଲେ ନାହିଁ ସେ । ଦେଖୁଦେଖୁ ହଠାତ୍ କହି ଉଠିଲେ- ମାଆ ! ଏତେ ରାତିରେ ଆପଣ ମୋର ବିଶ୍ରାମ କକ୍ଷକୁ କଷ୍ଟସ୍ୱୀକାର କରି ଆସିଲେ କାହିଁକି ? ଆଦେଶ ଦେଇଥିଲେ ତ ମୁଁ ଆପଣଙ୍କ ନିକଟକୁ ଯାଇପାରିଥାନ୍ତି । 'ମାଆ' ସମ୍ବୋଧନ ଶୁଣି ଅପସରା ଉର୍ବଶୀ ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ 'ବୀରଶ୍ରେଷ୍ଠ ! ମୋତେ ଏଭଳି ସମ୍ବୋଧନ କରନ୍ତୁ ନାହିଁ । ଦେବରାଜ ଇନ୍ଦ୍ର ଆପଣଙ୍କ ସେବା କରିବା ନିମନ୍ତେ ମୋତେ ଆଦେଶ ଦେଇଛନ୍ତି । ମୁଁ ଆପଣଙ୍କୁ ଦେଖି ଅତିଶୟ ପ୍ରୀତ । କୃପାପୂର୍ବକ ମୋତେ ସେବା କରିବା ନିମନ୍ତେ ଆଦେଶ ଦିଅନ୍ତୁ ।' ଅର୍ଜୁନ ଉତ୍ତର ଦେଇଥିଲେ- 'ଏପରି ଅନୁଚିତ କଥା କୁହନ୍ତୁ ନାହିଁ ମାଆ । ଏଥିରୁ କ୍ଷାନ୍ତ ହୁଅନ୍ତୁ । ଆପଣ ମୋର ମାଆ ସଦୃଶ । ଇନ୍ଦ୍ରଙ୍କ ଦରବାରରେ ସେହି ମାଆ ରୂପରେ ହିଁ ମୁଁ ଆପଣଙ୍କୁ ଦର୍ଶନ କରିଥିଲି ।' ଉର୍ବଶୀ କର୍ଣ୍ଣପାତ ନକରି କହିଲେ- 'ବୀରଶ୍ରେଷ୍ଠ ! ସ୍ୱର୍ଗପୁରରେ ଯେତେକ ଅପସରା ଅଛନ୍ତି ସେମାନେ ନା କାହାର ମାଆ, ନା କାହାର ଭଗ୍ନୀ, ନା କାହାର ପତ୍ନୀ ? ସ୍ୱର୍ଗକୁ ଆସୁଥିବା ବ୍ୟକ୍ତି ଆପଣା ପୁଣ୍ୟକର୍ମ ଅନୁସାରେ ମୋତେ ଉପଭୋଗ କରିଥାନ୍ତି । ଏହା ତ ନିୟମ । ଆପଣ ମୋତେ ଇନ୍ଦ୍ରଙ୍କ ଆଜ୍ଞାପାଳନ କରିବାକୁ ଅନୁମତି ଦିଅନ୍ତୁ ।' ଅର୍ଜୁନଙ୍କ ଚିତ୍ତବୃତ୍ତିକୁ ଏହା ତିଳେମାତ୍ର ଆନ୍ଦୋଳିତ କରି ନଥିଲା । କହିଲେ- ଇନ୍ଦ୍ରାଣୀ, କୁନ୍ତୀ, ମାଦ୍ରୀ ସଦୃଶ ଆପଣ ମୋର ମାଆ । କୃପାକରି ମୋ ସହିତ ପୁତ୍ରସଦୃଶ ଆଚରଣ କରନ୍ତୁ । ଉର୍ବଶୀଙ୍କ ସକଳ ଚେଷ୍ଟା ବିଫଳ ହେଲା । ନିରାଶ ହୋଇ ଉର୍ବଶୀ ଶାପ ଦେଲେ- 'ଅର୍ଜୁନ ! ତୁମେ ଏକ କିନ୍ନରର ଭ୍ରାନ୍ତି ନେଇ ମୋତେ ପ୍ରତ୍ୟାଖ୍ୟାନ କଲ । ମୁଁ ଶାପ ଦେଉଛି ଏକବର୍ଷ ପର୍ଯ୍ୟନ୍ତ ତୁମେ କିନ୍ନରର ରୂପ ଧାରଣ କରି ରହିବ ।' ଅର୍ଜୁନ ଏହାକୁ ମାତାର ଶାପ ଭାବି ସାଦରେ ଗ୍ରହଣ କରି ନେଇଥିଲେ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ସବୁ ସ୍ମୃତି ଆଜି ଅତୀତ...

.....ହିମାଂଶୁଶେଖର ଆଚାର୍ଯ୍ୟ.....

ଭାରତୀୟ ଅର୍ଥନୀତିର ଏକ ମୌଳିକ ବୈଶିଷ୍ଟ୍ୟ ହେଲା ଦାରିଦ୍ର୍ୟ । କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଇବା ସତ୍ତ୍ୱେ ଦେଶରେ ଦାରିଦ୍ର୍ୟତାର ପ୍ରଭାବ ଅତୁଟ ରହିଛି । ଦେଶରେ ବିଭିନ୍ନ ଅଞ୍ଚଳରେ ବହୁସଂଖ୍ୟକ ଲୋକ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇ ଦୁଃଖ ଦାରିଦ୍ର୍ୟରେ କାଳ ଯାପନ କରୁଥିବାର ଦେଖାଯାଏ, ଯାହାକୁ ଆମେ ଦାରିଦ୍ର୍ୟ ବୋଲି କହୁ । ଦାରିଦ୍ର୍ୟ ସେମାନଙ୍କ ପ୍ରତି ଏକ ଅଭିଶାପ ଏବଂ ଏହା ଏକ ସାମାଜିକ ବ୍ୟାଧି । ଭାରତୀୟ ଅର୍ଥବ୍ୟବସ୍ଥାର ଏହା ଏକ ବିଷାଦମୟ ଓ କଳଙ୍କିତ ବିଷୟ । ଦାରିଦ୍ର୍ୟ ସମସ୍ୟା ଉପଲବ୍ଧ କରିବାକୁ ହେଲେ ଆମକୁ ଏହାର ସଂଜ୍ଞା, ଆକାର ଓ କାରଣକୁ ଆଲୋଚନା ପରିସରଭୁକ୍ତ କରିବାକୁ ହେବ । ଏହି ଦାରିଦ୍ର୍ୟ ଭାରତର ଏକ ପ୍ରମୁଖ ସମସ୍ୟା । କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଉଥିଲେ ମଧ୍ୟ ଆମ ଦେଶରେ ଦାରିଦ୍ର୍ୟତାର ପ୍ରଭାବ ଅତୁଟ ରହିଛି ।

ଦାରିଦ୍ର୍ୟ ମାନବର ଏକ ଦୁଃଖଦ ଅବସ୍ଥା । ଜୀବନ ଧାରଣ, ସ୍ୱାସ୍ଥ୍ୟ ରକ୍ଷା ତଥା ଦକ୍ଷତା ବୃଦ୍ଧି ପରି ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣର ଅକ୍ଷମତାହିଁ ଦାରିଦ୍ର୍ୟତା । ଦାରିଦ୍ର୍ୟକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇଥାଏ । ପ୍ରଥମତଃ ଚରମ ବା ଉତ୍କଟ ଦାରିଦ୍ର୍ୟ ଓ ଦ୍ୱିତୀୟତଃ ଆପେକ୍ଷିକ ଦାରିଦ୍ର୍ୟ । ଯେଉଁ ଲୋକ ବଞ୍ଚି ରହିବା ପାଇଁ ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିପାରନ୍ତି ନାହିଁ ସେମାନଙ୍କ କ୍ଷେତ୍ରରେ ଚରମ ବା ଉତ୍କଟ ଦାରିଦ୍ର୍ୟ ଦେଖାଯାଏ ବୋଲି କୁହାଯାଏ । ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ ଭିତ୍ତିରେ ଚରମ ଦାରିଦ୍ର୍ୟତା ନିର୍ଣ୍ଣୟ ହୋଇଥାଏ । ଏଗୁଡିକର ନିରୂପିତ ମୂଲ୍ୟଠାରୁ କମ୍ ଖର୍ଚ୍ଚ କରିଥିବା ଲୋକମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ବୋଲି ଧରାଯାଏ । ଆପେକ୍ଷିକ ଦାରିଦ୍ର୍ୟର ଅର୍ଥ ଭିନ୍ନ । ଯେତେବେଳେ ଦୁଇଜଣ ବ୍ୟକ୍ତି ବା ଦୁଇ ଗୋଷ୍ଠୀର ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ନେଇ ତୁଳନା କରାଯାଏ, ସେତେବେଳେ ଆମେ ଆପେକ୍ଷିକ ଦାରିଦ୍ର୍ୟ କଥା କହିଥାଉ । ତେଣୁ ଆପେକ୍ଷିକ ଦାରିଦ୍ର୍ୟ କହିଲେ ଆୟର ବୈଷମ୍ୟକୁ ବୁଝାଏ । ପ୍ରକାରାନ୍ତରେ କହିଲେ ସ୍ଥାୟୀ ବା ଅସ୍ଥାୟୀ ଭାବେ ଯେତେବେଳେ ଜଣେ ଲୋକ ନିଜର ତଥା ତା' ପରିବାରର ସଦସ୍ୟମାନେ କାର୍ଯ୍ୟକ୍ଷମ ଭାବେ ବଞ୍ଚିବା ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ ହୋଇଥାଏ, ତାକୁ ଆମେ ଦାରିଦ୍ର୍ୟ ବୋଲି କହିବା । ଏହା ତାଙ୍କର ଶାରୀରିକ ତଥା ମାନସିକ ଦକ୍ଷତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ଏହି କଥାକୁ ଲକ୍ଷ୍ୟ ରଖି ୧୯୮୭ରୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖରେ ପାଳିତ ହେଉଛି ଆନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ । ଦାରିଦ୍ର୍ୟ, କ୍ଷୁଧା, ହିଂସା ଓ ଭୟ ଦୂର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି । ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ । ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି । ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି । ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ । ଶିଳ୍ପ ଜଗତ କୋମାରେ । କୃଷିକ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ । ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା । ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି । ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି ।

ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦେଖାଦେଇଥିବା ଗଣଦାରିଦ୍ର୍ୟ କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି-'ଗୋଟିଏ ଦେଶ ଗରିବ, କାରଣ ତାହା ଗରିବ' । ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ । ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ । ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିସହିତ ମନ୍ଥର ଅଭିବୃଦ୍ଧି ହାର ବେକାରୀ, ନିମ୍ନ କୃଷି ଉତ୍ପାଦନଶୀଳତା, ଶିଳ୍ପର ମନ୍ଥର ଅଭିବୃଦ୍ଧି, ଅସମାନତା, ଅବିକଶିତ ପ୍ରାକୃତିକ ସମ୍ପଦ, ମୁଦ୍ରାସ୍ଫୀତି, ଜନସଂଖ୍ୟାର ଚାପ ଆଦି କାରଣଗୁଡିକ ଆମ ଦେଶରେ ଦାରିଦ୍ର୍ୟ ବୃଦ୍ଧିର ଗୋଟିଏ ଗୋଟିଏ କାରଣ । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା । ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ ପ୍ରତିଶତରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା । ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା । ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା । ସଂଖ୍ୟାନୁସାରେ ଏହି ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା । ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି । କିନ୍ତୁ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି । ଦାରିଦ୍ର୍ୟ ହିଁ କ୍ଷୁଧାର ପ୍ରମୁଖ କାରଣ । ନିକଟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ବିଶ୍ୱର ୧୦୭ଟି ଦେଶକୁ ନେଇ କରାଯାଇଥିବା କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତ ୯୪ତମ ସ୍ଥାନରେ ରହିଛି ।

ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଭାରତ ଏକ ଧନୀ ରାଷ୍ଟ୍ର । କିନ୍ତୁ ଏଠାରେ ମିଳୁଥିବା ପ୍ରାକୃତିକ ସମ୍ପଦର ଅବିନିଯୋଗ, ନିମ୍ନ ବିନିଯୋଗ ବା ଅସତ୍ ବିନିଯୋଗ ଏହି ଦେଶରେ ଅତି ସାଧାରଣ । ଫଳରେ ଭାରତର ଉତ୍ପାଦନ ଓ ଉତ୍ପାଦନଶୀଳତା ହ୍ରାସ ପାଇଥାଏ । ଫଳରେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ହ୍ରାସ ପାଇଥାଏ । ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ ଆମ ଦେଶର ଅନ୍ୟ ଏକ ପରିଚୟ । ଅନ୍ୟ ଅର୍ଥରେ କହିଲେ ପ୍ରାଚୁର୍ଯ

କଟକଣା ସହିତ ସଂକ୍ରମଣ ମଧ୍ୟ ବଢୁଛି, କନ୍ଧମାଳରେ ଆଜି ୨୩ ନୂଆ ସଂକ୍ରମିତ ଚିହ୍ନଟ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣକୁ ରୋକିବାକୁ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ତଥା ପୋଲିସ ବିଭାଗ ତରଫରୁ ଦିନକୁ ଦିନ କଟକଣା ବଢିବାରେ ଲାଗିଛି । ଫୁଲବାଣୀ ସହରରେ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ନେତୃତ୍ୱରେ ଅଥରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ,ତହସିଲଦାର ଦିନମଣି ନାୟକ,ଫୁଲବାଣୀ ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ ଏବଂ ପୋଲିସ ଅଧିକାରୀ ମାନେ ସହରରେ ବୁଲିବୁଲି ଲୋକଙ୍କୁ ବାହାରକୁ ବାହାରିବା ବେଳେ ମାସ୍କ ପିନ୍ଧିବାକୁ ତାଗିତ କରିବା ସହିତ ମାସ୍କ ପିନ୍ଧିନଥିବା ଲୋକଙ୍କଠାରୁ ଫାଇନ ମଧ୍ୟ ଆଦାୟ କରାଯାଉଥିବା ଦେଖିବାକୁ ମିଳିଛି । ଲୋକଙ୍କୁ ମାସ୍କ ପିନ୍ଧିବାକୁ ପରାମର୍ଶ ଦେବା ସହିତ ଅମାନିଆଁ ମାନଙ୍କୁ ଫାଇନ ମଧ୍ୟ ଦେବାକୁ ପଡୁଛି । ହେଲେ କରୋନାର ସଂକ୍ରମଣ ମଧ୍ୟ ସେହି ଅନୁପାତରେ ଦ୍ରୁତ ଗତିରେ ବଢିବାରେ ଲାଗିଛି। ଗତ କାଲି ପୁଣି ଆଉ ୨୩ ଜଣ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏହି ସଂକ୍ରମିତ ମାନଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୧୮୪ ରେ ପହଂଚିଛି । ଏହା ତେବେ ମୋଟ ସଂକ୍ରମିଙ୍କ ମଧ୍ୟରୁ ୫,୯୮୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ କୋଭିଡ ସଂକ୍ରମଣରେ ମୃତ୍ୟୁ ସଂଖ୍ୟା ୩୪ରେ ରହିଛି। ତେବେ ଅଅଜିର ଚିହ୍ନଟ ମାନଙ୍କ ମଧ୍ୟରୁ ଫୁଲବାଣୀରେ ଜଣେ,କନ୍ଧମାଳ ଜିଲ୍ଲାର ୨ ଜଣ ଭୁବନେଶ୍ୱର ସମ ହସପିଟାଲରେ ୨ ଜଣ ଚିହ୍ନଟ ହୋଇଥିବାବେଳେ ବାଲିଗୁଡାରେ ୪ ଜଣ, ଚକାପାଦର, ଦାରିଙ୍ଗବାଡି, ଖଜୁରିପଡା,ଘୁ.ଉଦୟଗିରି ଏବଂ ଟିକାବାଲି ଅଂଚଳର ଜଣେ ଲେଖାଏଁ ଚିହ୍ନଟ ହୋଇଥିବାବେଳେ କ.ନୁଆଗାଁର ୩ଜଣ,କୋଟଗଡର ୨ ଜଣ,ଏବଂ ଫିରିଙ୍ଗିଆର ସର୍ବାଧିକ ୬ ଜଣ ରହିଥିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି

ମୟୂରଭଞ୍ଜ: ଆଜି ଜିଲ୍ଲାରୁ ୫ ମାସ ପରେ ସର୍ବାଧିକ ୧୩୬ କରୋନା ପଜିଟିଭ ଚିହ୍ନଟ

ବାରିପଦା: ଏପ୍ରିଲ ୨୨ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୬,୧୬୪ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୩୬ ଜଣ କରୋନା ଆକ୍ରାନ୍ତ ରହିଛନ୍ତି ଏବଂ ଏହା ୨୦୨୦ ନଭେମ୍ବର ମାସ ପରେ ସର୍ବାଧିକ ବୋଲି ଜଣାପଡ଼ିଛି । ଏଥିସହିତ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୫,୪୯୮ରେ ପହଁଚିଛି। ସେହିପରି ଏପ୍ରିଲ ୨୧ ପର୍ଯ୍ୟନ୍ତ ଜିଲ୍ଲାରୁ ୧୪,୬୫୭ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୭୪୮ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଛନ୍ତି ।

ଝରାଫୁଲକୁ ଶ୍ୱାଦ୍ଧରୁଦ୍ଧ କରାଯାଇ ମାରି ଦିଆଯାଇଥିଲା:ଏସପି ରାହୁଲ ପିଆର

କୋରେଇ : ରମାଦେବୀ କଲେଜ ଛାତ୍ରୀ ଝରାଫୁଲ ନାୟକଙ୍କୁ ତାର ପୁରୁଷ ବନ୍ଧୁ ରାକେଶ ସ୍ୱାଇଁ ହୋଟେଲ ରୁମରେ ରଖି ନିଶାଗ୍ରସ୍ତ କରିବା ପରେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲା । ପରଦିନ ସହଯୋଗୀ ଶକ୍ତି ପ୍ରସାଦ ସ୍ୱାଇଁଙ୍କ ଜରିଆରେ ଏକ ସ୍କୁଟିରେ ମୃତ ଦେହକୁ ଆଣି କୁଆଖିଆ ଥାନା ଅନ୍ତର୍ଗତ ମୂଳାପାଳ ଠାରେ ଛାଡି ଚାଲିଯାଇଥିଲା । ଏନେଇ ଗତ ଜାନୁଆରୀ ୧୭ ତାରିଖ କୁଆଖିଆ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରିଥିଲା । ଫଳରେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ରାକେଶ ଭୁବନେଶ୍ୱର ଏୟାର ଫିଡ ଥାନାରେ ଆତ୍ମ ସର୍ମପଣ କରିଥିଲା । କିନ୍ତୁ ତାର ୨ ସହଯୋଗୀ ସୁନ୍ଦରପଦାର ଅମରେଶ ରାଉତ ଓ ଶକ୍ତି ଶେଖର ସ୍ୱାଇଁ ଫେରାର ହୋଇଯାଇଥିଲେ । ଏହି ଘଟଣାର ରାକେଶ ଆତ୍ମ ସର୍ମପଣ ପରେ ତାର ସହଯୋଗୀ ଅମରେଶ ଯେକି ହୋଟେଲ ଯୋଗାଇବାରେ ସହଯୋଗ କରିଥିଲା ତାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଯାଜପୁରରୋଡ ଏସଡିଓ ଚିନ୍ମୟ ନାୟକଙ୍କ ନେତୃତ୍ୱରେ କମିଶନରେଟ ପୁଲିସ ସହାୟତାରେ ଭୁବନେଶ୍ୱରରୁ ମୁଖ୍ୟ ସହଯୋଗୀ ଶକ୍ତିକୁ ଗିରଫ କରାଯିବା ପରେ ଆଜି କୋର୍ଟ ଚାଲାଣ କରାଯାଇଛି । ତାକୁ ରିମାଇଣ୍ଡରେ ଅଣାଯାଇ ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏସପି ରାହୁଲ ପିଆର ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ଗତ ଜାନୁଆରୀ ୨୭ ତାରିଖ କୁଆଖିଆ ଥାନା ମୂଳାପାଳ ପାଖରେ ଏକ ଯୁବତୀଙ୍କ ମୃତ ଦେହ ପଡିବା ଦେଖି କୁଆଖିଆ ପୁଲିସ ଶବ ଉଦ୍ଧାର କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହା ରମାଦେବୀ କଲେଜ ଛାତ୍ରୀ ଝରାଫୁଲର ମୃତ ଦେହ ବୋଲି ଜଣାପଡିବା ସହ ତଦନ୍ତ ଆଗେଇଥିଲା । ଝରାଫୁଲର ପୁରୁଷ ବନ୍ଧୁ ରାକେଶ ଆତ୍ମ ସର୍ମପଣ ପରେ ପୁଲିସ ତଦନ୍ତକୁ ଆହୁରି ଶାଣିତ କରିଥିଲା । ଫଳରେ ଏହି ହତ୍ୟାଘଟଣାରେ ଥିବା ୨ ସହଯୋଗୀଙ୍କୁ ପୁଲିସ ଗିରଫ କରିବା ସହ ସ୍କୁଟି ଜବତ କରିଥିଲା । ଦୁଇ ସହଯୋଗୀଙ୍କ ଗିରଫ ପରେ ଝରାଫୁଲ ଧାର ଟଙ୍କା ପାଇଁ ଜିଦ କରିବା ଓ ନଦେଲେ ରାକେଶର ପରିବାରକୁ ଜଣାଇଦେବାକୁ ଧମକ ଦେବାରୁ ରାକେଶ ଟଙ୍କା ଦେବା ବାହାନା କରି ତାକୁ ଡକାଇ ହୋଟେଲ ରଖି ବାଧ୍ୟ କରି ନିଶା ଶକ୍ତ କରି ଶ୍ୱାସରୁଦ୍ଧ କରି ମାରିଦେଇଥିଲା । ହୋଟେଲରେ ରହିବାକୁ ସହଯୋଗ କରିଥିବା ଅମରେଶ ଫୋନ ନଲାଗିବାରୁ ମୁଖ୍ୟ ସହଯୋଗୀ ଶକ୍ତି ପ୍ରସାଦକୁ ଡକାଇ ଏକ ସ୍କୁଟି ସାହାଯ୍ୟରେ ଭୁବନେଶ୍ୱରରୁ ଝରାଫୁଲ ମୃତ ଦେହକୁ ଆଣି ମୂଳାପାଳ ଠାରେ ଫିଙ୍ଗି ପଳାଇଯାଇଥିଲେ ।

ଦୀର୍ଘ ଦିନର ବ୍ୟବଧାନ ପରେ ପୁନଶ୍ଚ କରୋନାର ଦ୍ୱିତୀୟ ଲହର

ଅତି ଘାତକ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରେ ପ୍ରଶାନର ଚରମ ଉଦାସୀନତା ଯୋଗୁଁ କରୋନା ସଂକ୍ରମଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ।ଗତ କାଲି ଜିଲ୍ଲାରେ ୩୧ ଜଣ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଥିବା ବେଳେ ଆଜି ୧୬ ଜଣ କରୋନା ରୋଗୀଙ୍କୁ ଚିହ୍ନଟ କରାଯାଇଛି । ବର୍ତମାନ ୭୪ ଜଣ ସଂକ୍ରମିତ ହୋଇ ଚିକିତ୍ସାଧିନଥିବା ଜଣା ପଡିଛି । ଆଜି ୧୬ ଜଣ କରୋନା ସଂକ୍ରମିତଙ୍କ ମଧ୍ୟରୁ ମାଲକାନଗିରି ପୌରାଂଚଳରେ ୩ ଜଣ ।ସେଥି ମଧ୍ୟରୁ ୱାର୍ଡ ନଂ-୮ରେ ଜଣେ, ୱାର୍ଡ ନଂ-୯ରେ ଜଣେ ଏବଂ ୱାର୍ଡ ନଂ-୧୦ରେ ଜଣେ ।କୋରୁକୋଣ୍ଡା ବ୍ଲକର କୋରୁକୋଣ୍ଡା ପଂଚାୟତ ରେ ଜଣେ,କାଲିମେଲା ବ୍ଲକରେ ୩ ଜଣ କରୋନାରେ ସଂକ୍ରମିତ ହୋଇଥିବା ବେଳେ ତନ୍ମଧ୍ୟରୁ ଟିଗଲ,ଭେଙ୍କଟପଲ୍ଲୀ ଏବଂ ବଦଲି ପଂଚାୟତରୁ ଜଣେ ଲେଖାଏଁ ସଂକ୍ରମିତ ହୋଇଥିବା ଜଣା ପଡିଛି ।ମାଲ କାନଗିରି ବ୍ଲକର ପେଦାଓ୍ୱାଡା ପଂଚାୟତ ରେ ଜଣେ କରୋନା ସଂକ୍ରମିତ ହୋଇଛି ।ସେହିପରି ଖଇରପୁଟ ବ୍ଲକର ପରକ ନମାଳାରେ ଜଣେ,ଗୋବିନ୍ଦପଲ୍ଲୀରେ ୨ ଜଣ,କଦମଗୁଡାରେ ୩ ଜଣ କରୋନାରେ ସଂକ୍ରମିତ ।ବାଲିମେଳା ଏନଏସିରେ ଜଣେ କରୋନା ଯୋଦ୍ଧା କରୋନା ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ଚିତ୍ରକୋଣ୍ଡା ବ୍ଲକର ଦୋରାଗୁଡା ରୁ ଜଣେ ସଂକ୍ରମିତ କରୋନା ରୋଗୀଙ୍କୁ ଚିହ୍ନଟ କରାଯାଇଛି ।ଅଦ୍ୟାବ୍ ମୋଟ ୫,୩୩୫ କରୋନା ରୋଗୀ ମାଲକାନଗିରି ଜିଲ୍ଲାରେ ଚିହ୍ନଟ ହୋଇଥିବା ବେଳେ ମୋଟ ୫,୨୩୬ ଜଣ କରୋନା ରୋଗୀ ଆରୋଗ୍ୟ ଲାଭ କରିଛନ୍ତି ।ବର୍ତମାନ ୭୪ ଜଣ କରୋନା ରୋଗୀ କୋଭିଡ ହସପିଟାଲରେ ଚିକିତ୍ସାଧିନ ରହିଥିବା ବେଳେ ଜିଲ୍ଲାରେ ୨୫ ଜଣ ବ୍ୟକ୍ତି କରୋନାରେ ମୃତ୍ୟୁ ବରଣ କରିଛନ୍ତି ।

ପାଣି ପାଇପ ଲାଇନ୍ ବିଛାଇବାକୁ ଯାଇ କୋଟି କୋଟି ଟଙ୍କାର ଗ୍ରାମ୍ୟରାସ୍ତା ନଷ୍ଟ

କଣାସ:ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଗ୍ରାମପଚାଂୟତରେ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ପାଇପ୍ ବିଛାଇବା କାର୍ଯ୍ୟ ଚାଲିଥିବା ବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରଧାନମନ୍ତ୍ରୀ ସଡ଼କ ଏବଂ ଗ୍ରାମ୍ୟ ଢଳେଇ ପିଚ୍ରାସ୍ତାକୁ କାଟି ଦିଆଯାଉଥିବାରୁ ଗାଁ ଗହଳିରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଖବର ନେବାର ଜଣାପଡିଛି, ଗୋପିନାଥପୁର, କାଦୁଆ ଗ୍ରାମପଚାଂୟତରେ ମେଘା ଜଳପ୍ରକଳ୍ପ ପାଇଁ ଠିକାଦାର କଂକ୍ରିଟ୍ ରାସ୍ତା ଖୋଳି ପାଇପ୍ ପକାଇବା କାର୍ଯ୍ୟ ଚାଲୁରଖିଥିବା ବେଳେ ରାସ୍ତା ଗୁଡିକୁ ଖୋଳି ନଷ୍ଟ କରିଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ କରିଥିବା ପୁରୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡାଙ୍କୁ ଏନେଇ ପଚାରିବାରୁ ସେ କୁହନ୍ତି, ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କୁ କଂକ୍ରିଟ୍ ରାସ୍ତା ନ ଖୋଳି ରାସ୍ତାକଡରେ ମାଟିଖୋଳି ପାଇପ୍ ପକାଇବା ପାଇଁ ଅନୁମତି ଦିଆଯାଇଥିବେଳେ ଉକ୍ତ ଠିକାଦାର ଆମ ନିର୍ଦ୍ଦେ ନ ମାନି ଅନେକ ସ୍ଥାନରେ ଢଳେଇ ରାସ୍ତାମାନ ଖୋଳି ଦେଇଥିବା ଖବର ମିଳିଛି । ଖବର ପାଇବା ପରେ ଉଚ୍ଚ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଛି । ଉକ୍ତ ଠିକା ସଂସ୍ଥା ନାମରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପାନୀୟ ଜଳ ପାଇଁ ମହିଳାଙ୍କ ପ୍ରତିବାଦ

ଧର୍ମଶାଳା : ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପାଳନୀୟ ଜଳର ଘୋର ସମସ୍ୟା ଦେଖାଦେଲାଣି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଟିଆ ପଂଚାୟତ ଖରିଲୋ ଗ୍ରାମରେ ଦେଖା ଦେଇଛି ପାନୀୟ ଜଳ ସମସ୍ୟା । ସ୍ଥାୟୀ ସମାଧାନ ପାଇଁ ମହିଳାମାନେ ଗରା,ମାଣ୍ଡିଆ ଓ ବାଲଟି ଧରି ଅବିନବ ଉପାୟରେ ପ୍ରତିବାଦ କରିଛନ୍ତି । ଏହି ଗ୍ରାମରେ ୨ଶହରୁ ଉର୍ଦ୍ଧ ପରିବାର ବସବାସ କରନ୍ତି । ୭ଶହ ଲୋକଙ୍କୁ ୩ ଗୋଟି ନଳକୂପ ଅଛି । ସେଥିମଧ୍ୟରୁ ୨ଟି ଅଚଳ । ଗ୍ରୀଷ୍ମପ୍ରବାହରେ ଗଡିଆ ପୋଖରୀ ଶୁଖିଗଲାଣି । ଫଳରେ ଅନ୍ୟଗୋଟି ନଳକୂପରେ ସାମାନ୍ୟ ପାଣି ବାହାରୁଛି । ଫଳରେ ପାନୀୟ ଜଳ ପାଇଁ ଲୋକେ ନଦୀ ଓ ବୃଆ ପାଣି ଉପରେ ଭରସା କରିବା ପାଇଁ ବାଧ୍ୟ ହେଉଛନ୍ତି । ଫଳରେ ଏହି ପାଣି ପିଇ ଅନେକ ଲୋକ ଚର୍ମ ରୋଗରେ ଆକ୍ରାନ୍ତ ହେଲେଣି । ଏହି ସମସ୍ୟାକୁ ନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଅଂଟିଆସ୍ଥିତ ଶ୍ୟାମସୁନ୍ଦର ପୁରଠାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ହେଲେ ତାହା ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏହା ମଧ୍ୟ ଅଚଳ ହୋଇପଡିଛି । ଏହାର ପ୍ରତିବାଦରେ ଶତାଧିକ ମହିଳାମାନେ ଏହି ପାନୀୟ ପ୍ରକଳ୍ପ ଆଗରେ ପ୍ରତିବାଦ କରି ପ୍ରକଳ୍ପରେ ତାଲା ପକାଇ ଦେଇଥିବା ଜଣାପଡିଛି । ତେବେ ଏହି ଅଂଚଳ ପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଶତାଧିକ ମହିଳାମାନେ ଦାବି କରିଛନ୍ତି ।

ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ଦେଶର ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଓ ସେମାନଙ୍କ ଯୌଥ ଉଦ୍ୟୋଗ ସାହାଯ୍ୟରେ ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର ବୋଲି ଆଜି ଭିଡିଓ କନଫରେନ୍ସିଂ ଯୋଗେ ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ଟି ସିଏନଜି ଷ୍ଟେସନ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଲୋକାର୍ପିତ ସିଏନଜି ଷ୍ଟେସନ ଭାରତର ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନ ଦିଗରେ ଥିବା ପ୍ରଚେଷ୍ଟାକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳବାୟୁ ନ୍ୟାୟକୁ ନିଶ୍ଚିତ କରିବା ଓ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ପାଇଁ ଦୃଢ ନିଶ୍ଚିତ । ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଅନେକ ସିଏନଜି ଷ୍ଟେସନ ଲୋକାର୍ପିତ କରାଯାଇଛି । ସେ ଚତୁର୍ଭୁଜରେ ୧୦୦ ଏଲ୍ଏନ୍ଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ହୋଇଥିବା ଯୋଜନା ସ୍ୱଚ୍ଛ ଇନ୍ଧନ ବ୍ୟବହାରରେ ନୂଆ ମାପଦଣ୍ଡ ଆଣିବ । ଏହାସହ ସାରା ଦେଶରେ ୫୦୦୦ କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଂଟ୍ ପ୍ରତିଷ୍ଠା କରିବା ଦିଗରେ ଭାରତ ସରକାର ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଭାରତ ସରକାର ପ୍ରାକୃତିକ ଗ୍ୟାସକୁ ଉପଲବ୍ଧ କରିବା ପାଇଁ ସିଜିଡି ନେଟୱାର୍କର ସଂପ୍ରସାରଣ କରାଯାଉଛି । ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଏବଂ ସିଏନଜି ପରିବହନ କ୍ଷେତ୍ର ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଯାଉଛି । କମ୍ପ୍ରେସଡ୍ ବାୟୋ-ଗ୍ୟାସ(ସିବିଜି) ଏବଂ ଜୈବଖତ ଉତ୍ପାଦନ କରି ଉଦ୍ୟମୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଚୀନ ଏବଂ ଆମେରିକା ପରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ଆଧାରରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ଉପଭୋକ୍ତା ରାଷ୍ଟ୍ର । ବିଶ୍ୱରେ ଅଧିକ ଉର୍ଜା ବ୍ୟବହାର କରିଥିବା କ୍ଷେତ୍ରରେ ଭାରତରେ ଉର୍ଜା ଉପଭୋକ୍ତା ଏବଂ ଉର୍ଜା ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଉର୍ଜା ବ୍ୟବସାୟରେ ନୂଆ ନିବେଶକଙ୍କ ପାଇଁ ନୀତି ସଂସ୍କାର ଅଣାଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ମାର୍କେଟିଂ କମ୍ପାନୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କାମ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉର୍ଜା କ୍ଷେତ୍ରରେ ଅଧିକ ପ୍ରତିଯୋଗିତା ବଢିବ ଏବଂ ଉପଭୋକ୍ତାଙ୍କ ପାଇଁ ସଠିକ୍ ମୂଲ୍ୟ ନିର୍ଣ୍ଣୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ସୂଚନା ଅଧିକାର କର୍ମୀଙ୍କ ଉପରେ ବୋମାମାଡ ଘଟଣା, ପୋଲିସ ରିମାଣ୍ଡରେ ଅଭିଯୁକ୍ତ

ଧର୍ମଶାଳା : ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଇମାନଗରଠାରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରେ ଦୃଦୃତମାନେ ତାଙ୍କ କାର ଉପରକୁ ବୋମା ମାଡ କରି ଫେରାର ହୋଇଯାଇଥିଲେ । ସର୍ବେଶ୍ୱରଙ୍କ ସହ ତାଙ୍କର ଅନ୍ୟ ୨ ଜଣ ସହଯୋଗୀ ଗୁରୁତର ଆହତ ହୋଇଥିଲେ । ଅଭିଯୁକ୍ତଙ୍କୁ ଗିରଫ କରିବା ଘଟଣାରେ ପୋଲିସ ଉପରେ ଚାପ ପଡିବା ସହ ବିଜେପି ପକ୍ଷରୁ ଥାନା ଆଗରେ ଧାରଣା ମଧ୍ୟ ଦେଇଥିଲା । ଫଳରେ ପୋଲିସ ବିଭିନ୍ନ ସ୍ଥାନରୁ ଚଢାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ କରାଯାଇଥିବା ବେଳେ ବିଚାର ବିଭାଗୀୟ ହାଜତରେ ଥିବା ରିଂଟୁଙ୍କୁ ଆଜିଠାରୁ ୩ ଦିନିଆ ରିମାଣ୍ଡରେ ଆଣିବା ପାଇଁ ପୋଲିସ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ଆବେଦନ କରିଥିଲେ ।

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡା, (ପିଏନ)- ପଟ୍ଟାମୁଣ୍ଡାଇ ପୋଲିସର ଅପାରଗତା ଓ ଅଭିଯୁକ୍ତ ସମିତ୍ କୁମାର ସ୍ୱାଇଁଙ୍କ ଗିରଫ ଦାବି ନେଇ ପିଡିତଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଗରାପୁର ସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଥିଲା । ଦୀର୍ଘ ୨ ମାସ ତଳେ ଗାଡି ମଡାଇ ମାରିବାକୁ ଉଦ୍ୟମ କରିଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରା ଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ପିଡିତ ପରିବାର ଧାରଣାରେ ବସିଥିଲେ । ଅଭିଯୋଗ ମୁତାବକ ଗତ ଜୁଲାଇ ମାସରେ ପଟ୍ଟାମୁଣ୍ଡାଇ ଥାନା ଅଧିନ ନରସିଂହପୁର ଗ୍ରାମର ବିଜୟ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମିତା ସ୍ୱାଇଁଙ୍କୁ ଏକ ପାରିବାରିକ ବିବାଦରେ ଆକ୍ରୋଷ ରଖି ଅଭିଯୁକ୍ତ ପୁତୁରା ସମିତ୍ ସ୍ୱାଇଁ ଟଣାଓଟରା କରିବା ସହ ଅଶାଳୀନ ବ୍ୟବହାର ଦେଖାଇ ବାରୁ ବିଜୟ ଏହାର ପ୍ରତିବାଦ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ବିଜୟ ଓ ରଶ୍ମିତା ଲୁନାରେ ଥାନାକୁ ଆସୁଥିବା ବେଳେ ସମିତ୍ ଗାଡି ମଡାଇ ତାଙ୍କୁ ମାରିବା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଏହି ଉଦ୍ୟମରେ ବିଜୟଙ୍କ ଗୋଡ ଗାଡି ଧକ୍କାରେ ଭାଙ୍ଗି ଯିବାରୁ ସେ ଦୀର୍ଘଦିନ ଧରି ଚିକିତ୍ସାଧିନ ଥିଲେ ।

ଅଘୋଷିତ ବିଦ୍ୟୁ



ସୋସିଆଲ୍ ଡିଜିଟାଲ ଗଣମାଧ୍ୟମର ନୂତନ ରୂପରେଖ

ଡିଜିଟାଲ ଦୁନିଆରେ ଦେଖାଯାଉଥିବା ଅପ୍ରୀତିକର ଓ ଅନୈତିକ ଖବର, ସମାଜରେ ଘଟୁଥିବା ହିଂସା ଅଶ୍ଳୀଳତାକୁ ରୋକିବା ସହ ଏକ ସନ୍ତୁଳିତ ନିୟନ୍ତ୍ରଣ ବ୍ୟବସ୍ଥା ଆଣିବା ସହ ଆମର ମୌଳିକ ସାମ୍ବିଧାନିକ ମୂଲ୍ୟବୋଧ ଓ ବାକ୍ ସ୍ୱାଧିନତାକୁ ରକ୍ଷା କରିବାକୁ ଯାଇ କେନ୍ଦ୍ର ସରକାର ଏକ ନୂତନ ନୀତି ନିୟମ ପ୍ରଣୟନ କରିଛନ୍ତି। ଏହି ନୂତନ ନିୟମରେ ଅନ୍‌ଲାଇନ୍ ଖବର ଓ ମୁଦ୍ରଣ ଗଣମାଧ୍ୟମ ମଧ୍ୟରେ ଏକ ଅତ୍ୟାବଶ୍ୟକ ସନ୍ତୁଳନ କ୍ଷେତ୍ର ପ୍ରସ୍ତୁତ କରିବା ସହ ଏଥିରେ ଅନଲାଇନ୍ ଓ ଟେଲିଭିଜନ୍ ଗଣମାଧ୍ୟମକୁ ମଧ୍ୟ ସମ୍ପୃକ୍ତ କରାଯାଇଛି। ଏହି ପ୍ରଣୀତ ନୂତନ ନିୟମକୁ ଅନ୍ତଃରାଷ୍ଟ୍ରିୟ ଘଟଣାବଳୀ ସହିତ ଯୋଡିକରି ଦେଖିଲେ ବିବାଦ ବଦଳରେ ସାର୍ଥକ ବିଚାରଧାରାର ଆରମ୍ଭ ହୋଇଥାଏ। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ମାରିସନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫେସ୍‌ବୁକ୍ ଓ ଗୁଗୁଲ ଭଳି କମ୍ପାନୀମାନଙ୍କ ବିରୁଦ୍ଧ ଲଢାଇରେ ଭାରତର ସହଯୋଗ କାମନା କରିଥିଲେ। ଏହାପୂର୍ବରୁ ପପ୍‌ଷ୍ଟାର ରିହାନା ଓ ଗ୍ରେଟା ପ୍ରଭୃତିଙ୍କ ଟ୍ୟୁଟ୍ ପରେ କିଷାନ ଆନ୍ଦୋଳନରେ ଟୁଲ୍‌କିଟ୍‌ର ଡିଜିଟାଲ ଷଡଯନ୍ତ୍ର ନାମରେ ଅନେକ ଲୋକଙ୍କର ଗିରଫ ସହ ଟୁଇଟର ସହିତ ମଧ୍ୟ ମତଭେଦ ହୋଇଥିଲା। ଅନ୍ୟ ଏକ ମାମଲା ଯାହାକି ଅଭିବ୍ୟକ୍ତିର ସ୍ୱାଧିନତା, ପୋଲିସ୍‌ର ଦମନ ଓ ସୋସିଆଲ ମିଡିଆକୁ ରାଜନୈତିକ ବ୍ୟାପାରରେ ଜଡିତ କରିବା ଇତ୍ୟାଦି। ଅଷ୍ଟ୍ରେଲିଆ ଭାରତଭଳି ଲୋକତାନ୍ତ୍ରିକ ଦେଶ ହେବା ସହିତ କମନ ୱେଲ୍‌ଥର ମଧ୍ୟ ସଦସ୍ୟ ଅଛି। ଅନ୍ୟପକ୍ଷରେ ଭାରତ ଟେକ୍ କମ୍ପାନୀମାନଙ୍କ ପାଇଁ ସବୁଠାରୁ ବଡ଼ ବ୍ୟବସାୟ ବଜାର ମଧ୍ୟ ଅଟେ। ମାତ୍ର ଅଷ୍ଟ୍ରେଲିଆ ଏହି କମ୍ପାନୀମାନଙ୍କ ମାଲିକାନାପଣିଆକୁ ଭୃକ୍ଷେପ ନ କରି କଠୋର ନିୟମ ପ୍ରଣୟନର ପରମ୍ପରାଗତ ଗଣମାଧ୍ୟମ ପାଇଁ ଆମଦାନୀର ନୂଆ ରାସ୍ତା ଖୋଲିଛି। ଭାରତ ସରକାରଙ୍କ ଦୁଇ ମନ୍ତ୍ରୀ ନୂତନ ନିୟମ ପ୍ରଣିତ ଘୋଷଣା କାଳରେ ଖବରଦାତା ସମ୍ମିଳନୀରେ ଏହି ମହତ୍ୱପୂର୍ଣ୍ଣ ବିଷୟ ଉପରେ ନୀରବ ରହିଥିଲେ। ଆଠବର୍ଷ ପୂର୍ବେ ୟୁ.ପି.ଏ ସରକାର ସମୟରେ ଭାରତ ଏହି ଡିଜିଟାଲ ନିୟମ ମହାକ୍ରାନ୍ତିର ଅଗ୍ରଣୀ ହୋଇପାରିଥାନ୍ତା। ୨୦୧୨ରୁ ୨୦୧୪ ମସିହା ସମୟରେ ଦିଲ୍ଲୀ ହାଇକୋର୍ଟ କେ.ଏନ୍ ଗୋବିନ୍ଦାଚାର୍ଯ୍ୟଙ୍କ ଯାଚିକା ଉପରେ ମହିଳା ଓ ଶିଶୁମାନଙ୍କର ଡିଜିଟାଲ ଜଗତରେ ସୁରକ୍ଷା ଏବଂ ଏହି କମ୍ପାନୀମାନଙ୍କଠୁ କର ଆଦାୟ ପାଇଁ ଅନେକ ଆଦେଶ ଜାରି କରିଥିଲେ। ଏହାକୁ ଲାଗୁ କରିବାପାଇଁ ଫେସ୍‌ବୁକ୍, ଗୁଗୁଲ୍ ଏବଂ ଟୁଇଟର କମ୍ପାନୀମାନଙ୍କୁ ଭାରତର ନିୟମାନୁସାରେ ଅଭିଯୋଗ ଅଧିକାରୀ ନିଯୁକ୍ତି କରିବାକୁ ପଡିଥିଲା। ୟୁ.ପି.ଏ. ଏବଂ ଏହାପରେ ଏନ୍.ଡି.ଏ. ସରକାରଙ୍କ କୋହଳ ମନୋଭାବ ଯୋଗୁ ଏହି କମ୍ପାନୀମାନେ ସେମାନଙ୍କର ଅଭିଯୋଗ ଅଧିକାରୀ ଆମେରିକା ଓ ୟୁରୋପରେ ନିଯୁକ୍ତି ଦେଇଥିଲେ। ଏହି ଟେକ୍ କମ୍ପାନୀମାନଙ୍କୁ ଦେଇଥିବା କୋହଳକୁ ଆଜି ପୁରା ସମାଜ ଓ ଦେଶକୁ ଭୋଗିବାକୁ ପଡୁଛି। ଏହି ପ୍ରଣିତ ନୂତନ ନିୟମରେ ୮ବର୍ଷର ପୁରୁଣା ଭୁଲ୍‌ର ସଂଶୋଧନ କରିବାର ଚେଷ୍ଟା କରାଯାଇଛି। ୩ବର୍ଷର ଲମ୍ବା ବିଚାର ବିମର୍ଷ ପରେ ଆସିଥିବା ଏହି ନିୟମକୁ ଲାଗୁ କରିବା ପାଇଁ ଏହି କମ୍ପାନୀମାନଙ୍କୁ ତିନିମାସର ଅବଧି ପୁନଃ ମିଳିଗଲା। ନୂତନ ନିୟମାନୁସାରେ ଚୀନ୍ ଓ ଆମେରିକାର ଟେକ୍ କମ୍ପାନୀମାନେ ଯେତେବେଳେ ଭାରତରେ ନିଜର ଅଭିଯୋଗ ଅଧିକାରୀ, ନୋଡାଲ୍ ଅଧିକାରୀ ଓ ସମାଧାନ ଅଧିକାରୀଙ୍କୁ ନିଯୁକ୍ତି କରିବେ ସମାଜ, ପ୍ରଶାସନ ଓ ଅର୍ଥ ବ୍ୟବସ୍ଥାର ରୂପରେଖ ବଦଳିଯିବ। ଭାରତରେ ଯେତେବେଳେ ଅଧିକାରୀ ନିଯୁକ୍ତି ହେବେ ତେବେ ଏହି କମ୍ପାନୀମାନଙ୍କୁ ଭାରତର ସମସ୍ତ ନିୟମକୁ ମାନିବାକୁ ପଡିବ। ଇ-କମର୍ସ, ପେମେଂଟ, ବ୍ୟାଙ୍କ ଏବଂ ସରକାରୀ ତଥ୍ୟ ରଖିବା ପାଇଁ ଭାରତରେ ଡାଟା ସର୍ଭର ଲାଗିବ ଯେଉଁଥିରେ ରିଅଲ୍ ଷ୍ଟେଟରେ ଆରାମ ସହିତ ଯୁବକମାନଙ୍କ ପାଇଁ ରୋଜଗାର ମଧ୍ୟ ବଢିବ। ଭାରତରେ ସୋଶିଆଲ୍ ମିଡିଆ ମାଧ୍ୟମରେ ଲୋନ୍, ଡେଟିଙ୍ଗ୍, ପାନୋଗ୍ରାଫି ସହ ସାଇବର ଠକେଇ ଆଦି ଅପରାଧ ଦିନକୁ ଦିନ ବଢିବାରେ ଲାଗିଛି। ଏପରି ଅନେକ ମାମଲା ଉପରେ ପୁଲିସ୍ ଅଭିଯୋଗ ହୋଇପାରୁନି। ବିଦେଶୀ କମ୍ପାନୀମାନଙ୍କ କାର୍ଯ୍ୟାଳୟ ଯଦି ଭାରତରେ ହେବ ତେବେ ପୁଲିସର ଯାଂଚ ପ୍ରକ୍ରିୟା ଓ ଅଦାଲତର ମୀମାଂସା ନେବାରେ ସହଜସାଧ ହେବ ଏବଂ ପ୍ରକୃତ ଦୋଷୀଙ୍କୁ ଶୀଘ୍ର ଦଣ୍ଡ ମିଳିବ। ଅଷ୍ଟ୍ରେଲିଆର ତର୍କ ଉପରେ ଭାରତର ଗଣମାଧ୍ୟମ ସଂଗଠନ ଗୁଗୁଲ୍‌କୁ ୮୫ ପ୍ରତିଶତ ଆମଦାନୀ ବିତରଣର ଦାବୀ କରିଛି। ୧୦୦କୋଟିର ସ୍ମାର୍ଟଫୋନ୍‌ର ଦେଶରେ ଯେତେବେଳେ ବିଦେଶୀ କମ୍ପାନୀମାନଙ୍କର ଅଧିକାରୀ ରହିବେ, ତେବେ ସେମାନଙ୍କୁ ଆୟକର ଓ କମ୍ପାନୀ ନିୟମାନୁସାରେ କର ମଧ୍ୟ ଦେବାକୁ ପଡିବ। ୱାର୍କସପ ଓ ଫେସ୍ ବୁକ୍ ମଧ୍ୟରେ ଯେଉଁ ଡାଟାର ଆଦାନ ପ୍ରଦାନ ହେଉଛି, ଏହାର ବାଣିଜ୍ୟିକ ମୂଲ୍ୟ ଉପରେ ଯେତେବେଳେ କରର ମୂଲ୍ୟାୟନ ହେବ ସେତେବେଳେ କେନ୍ଦ୍ର ସହ ରାଜ୍ୟକୁ ମଧ୍ୟ ଅରବ ଟଙ୍କାର କରର ଆମଦାନୀ ହେବ। ଏହି ନୂତନ ନିୟମାନୁସାରେ ଲଘୁ ଓ ମଧ୍ୟମ ଉଦ୍ୟୋଗକୁ ଲାଭ ମିଳିବ।

ଉମାଶଙ୍କର ପ୍ରସାଦ,
ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା,
ମୋ: ନଂ-୬୩୭୦୬୭୫୫୬୨

ବାବାସାହେବ ଆମ୍ବେଦକର ଦେଶବାସୀଙ୍କ ପାଇଁ ଚିରସ୍ମରଣୀୟ

ରାଉରକେଲା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଇନ୍ ବିଶାରଦ, ଅର୍ଥଶାସ୍ତ୍ରୀ, ସମ୍ବିଧାନ ପ୍ରଣେତା, ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୦ତମ ଜନ୍ମ ଜୟନ୍ତୀ ରାଉରକେଲା ଜିଲ୍ଲା କଂଗ୍ରେସ ଏବଂ ଜିଲ୍ଲା କଂଗ୍ରେସର ଅନୁସୂଚୀତ ଜାତି ବିଭାଗ ତରଫରୁ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ରାଉରକେଲା ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସକାଳ ୯ ଘଟିକା ସମୟରେ ଉଦିତନଗର ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ଡକ୍ଟର ଆମ୍ବେଦକରଙ୍କ ସ୍ମୃତିଚାରଣ କରି ଦେଶର ସମ୍ବିଧାନ ପ୍ରଣୟନ କରିଥିବା ବାବାସାହେବ ଦେଶବାସୀଙ୍କ ନିକଟରେ ଚିରସ୍ମରଣୀୟ ହୋଇରହିବେ ବୋଲି ମତବ୍ୟକ୍ତ କରିଥିଲେ। ସକାଳ ୧୦ ଘଟିକା ସମୟରେ ସେକ୍ଟର-୭/୧୭ ଛକସ୍ଥିତ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଆନୁକୂଲ୍ୟରେ ତଥା ଅଧକ୍ଷ ବିନୋଦ ତନ୍ତୀଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ବାବାସାହେବଙ୍କ ବଳିଷ୍ଠ ଅବଦାନ ପାଇଁ ଆଜି ଦେଶର ଦଳିତ ସମାଜ ନିଜ ଅଧିକାର ହାସଲ କରିବା ସହିତ ସମ୍ମାନ ପୂର୍ବକ ଜୀବନଯାପନ କରିପାରୁଛନ୍ତି ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ। ବର୍ତ୍ତମାନର କରୋନା ମହାମାରୀର ଦ୍ୱିତୀୟ ଲହରୀ ଶିଳ୍ପ ସହର ରାଉରକେଲାରେ ବିପଦଜନକ ପରିସ୍ଥିତି ସୃଷ୍ଟି କରିଥିବାରୁ ଅତ୍ୟନ୍ତ ନିରାଡମ୍ବର କୋଭିଡ୍-୧୯ ନିୟମାବଳୀ ଅନୁସରଣ କରି ଏହି ଉଭୟ କାର୍ଯ୍ୟକ୍ରମ କଂଗ୍ରେସ ତରଫରୁ କୁହାଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁସେନ, ଓବିସି ଅଧକ୍ଷ କୈଳାସ ସାହୁ, ଇନ୍‌ଟକ ଅଧକ୍ଷ ନିହାର ଦାସ, ସେବାଦଳ ଅଧକ୍ଷ ବିନୋଦ ରାଉତ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ୍ଟ, ସରୋଜ ଜେନା, ସୁନୀଲ ପଟ୍ଟନାୟକ, ରାଜେନ୍ଦ୍ର ରଜାକ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ରଘୁନାଥ ଦାସ, ବରିଷ୍ଠ କଂଗ୍ରେସ ନେତା ଗିରିଜା ଶଙ୍କର ମିଶ୍ର, ସରୋଜ ଲେଙ୍କା, ବି.ଏନ୍. ମହାନ୍ତି, ସୁନୀଲ ସିଂହ, ବୈଲୋଚନ ସାହୁ, ପୂର୍ବତନ ବ୍ଲକ୍ ସଭାପତି ସୁନୀଲ ପଟ୍ଟନାୟକ, ଦଳିତ ନେତା ଅରୁଣ ଜୟପୁରିଆ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିୟାରସିଂ, ଝୁନୁ ପଟ୍ଟନାୟକ, ଚନ୍ଦ୍ରା ବାଗ, ଯୁବନେତା ଦିଲ୍ଲୀପ ଲାହିରି, ବିଶ୍ୱଜିତ ସାହୁ, ଶୁକଦେବ ବଡାଇକ, ରଜତ ଦଳେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି

କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜନଶକ୍ତି ପାର୍ଟିର ଆନ୍ଦୋଳନ

କେନ୍ଦ୍ରାପଡା (ପିଏନ୍): ଜିଲ୍ଲାବାସୀଙ୍କ ଅନେକ ଦିନର ସ୍ୱପ୍ନ ଉନ୍ନତମାନର ସ୍ୱାସ୍ଥ୍ୟସେବା ସହ ମେଡିକାଲ କଲେଜ ପ୍ରତିଷ୍ଠା ପୂର୍ବ ଭଳି ସ୍ୱପ୍ନ ହୋଇରହିଯାଇଛି। ଦୀର୍ଘ ୫୦ବର୍ଷ ଧରି ସ୍ୱର୍ଗତ ବିଜୁବାବୁଙ୍କ ହସ୍ତମୁଦି ମହଲା ହୋଇପଡିଥିବା କେନ୍ଦ୍ରାପଡା ଆଜି ସବୁ ସୁବିଧାସୁଯୋଗରୁ ବଞ୍ଚିତ ହୋଇପଡିଛି। ଜନଶକ୍ତି ପାର୍ଟି ଦୀର୍ଘଦିନ ଧରି ଗଣଧାରଣା, ସ୍ମାରକପତ୍ର ପ୍ରଦାନ, ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ଅନଶନ କରିବା ପରେ ପ୍ଲାକାର୍ଡ ଶୋଭାଯାତ୍ରା କରି ଜିଲ୍ଲାବାସୀଙ୍କ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ହାସଲ ପାଇଁ ଜୋରଦାର ପ୍ରୟାସ ଚଳାଇଛି। ତିନିମୁହାଣୀଛକ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଦଳର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ଲାକାର୍ଡ ଶୋଭାଯାତ୍ରାରେ ସେକ ଆସିକଉଦ୍ଦିନ, ଅଜୟ ପାତ୍ର, ରଞ୍ଜନ ବାଇ, ଅମର ବିଶ୍ୱାଳ, ଜ୍ଞାନବାବା, କିସୁ ଜେନା, ଅନିଲ ନାୟକ, ରଞ୍ଜିତ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

କଟକ (ପିଏନ୍): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀପୁର ପରିସରରେ ରାଷ୍ଟ୍ରୀୟ ନବବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ + ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ହୃଷିକେଶ ଆଚାର୍ଯ୍ୟ ଓ ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡ଼ଙ୍ଗୀ ରାଷ୍ଟ୍ରୀୟ ନବବର୍ଷର ମହତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଚିତରଂଜନ ଭୁକ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଆଚାର୍ଯ୍ୟ ଲକ୍ଷ୍ମୀ ନାରାୟଣ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଲୋକାୟୁକ୍ତଙ୍କ ନୋଟିସ୍‌ର ଜବାବ ପ୍ରଦାନ, ଅସଲ ରସିଦ କେଉଁଟା ?

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ତହସିଲ ଅଧିନରେ ବିଭିନ୍ନ ଦୁର୍ନୀତି ହୋଇଥିବା ସମ୍ପର୍କରେ ଗତ ଜାନୁଆରୀ ୨୮ତାରିଖରେ ମାନ୍ୟବର ଓଡିଶା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହେବାପରେ ଲୋକାୟୁକ୍ତ ଫେବୃୟାରୀ ୨୪ରେ ନୋଟିସ୍ ଜାରି କରି ଜବାବ ଦାଖଲ ପାଇଁ କେନ୍ଦୁଝର ଜିଲ୍ଲାପାଳ ଅତିରିକ୍ତ ତହସିଲଦାର ରଶ୍ମିରଂଜନ ଦାସ ଓ କିରାଣୀ ଶ୍ରୀକାନ୍ତ ଯେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୨.୦୪.୨୦୨୧ ଉକ୍ତ ମାମଲାରେ ଜବାବ ପ୍ରଦାନ ହୋଇଥିଲା ବେଳେ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬କୁ ଧାର୍ଯ୍ୟ ହୋଇଛି। କେଶ୍ ନଂ ଏଲଓ୍ୱାଇ ୧୨୨/୨୦୨୧ ଅଟେ। କିନ୍ତୁ ମାମଲାରେ ଜବାବ ଦାଖଲ ସମୟରେ ତହସିଲ ପକ୍ଷରୁ ଲୋକାୟୁକ୍ତଙ୍କୁ ପ୍ରଦାନ କରାଯାଇଥିବା ଏକ ମନି ରସିଦ୍‌କୁ ନେଇ ନୂଆ ଟ୍ୱିଷ୍ଟ ଆସିଛି। ଅଭିଯୋଗକାରୀ ତହସିଲରେ ଆର୍ଥିକ ହେରଫେର ନେଇ ମାନ୍ୟବର ଲୋକାୟୁକ୍ତଙ୍କୁ ୪୦ ହଜାର ଟଙ୍କାର ଏକ ମନି ରସିଦ ପ୍ରଦାନ କରିଥିବା ବେଳେ ତହସିଲ ତରଫରୁ ପ୍ରଦାନ ହୋଇଥିବା ରସିଦରେ କିନ୍ତୁ ୪ହଜାର ଟଙ୍କାର ମନି ରସିଦ ପ୍ରଦାନ କରାଯାଇଛି। କିନ୍ତୁ ଉଭୟ ରସିଦର ନମ୍ବର ସମାନ ରହିଛି। ଅଭିଯୋଗକାରୀଙ୍କ ରସିଦରେ ଷ୍ଟାମ୍ପ ଓ ସିଲ ଲାଗିଥିବା ବେଳେ ତହସିଲ ତରଫରୁ ପ୍ରଦାନ ହୋଇଥିବା ରସିଦରେ ତାହା ନାହିଁ। ଉଭୟ ରସିଦରେ ସରକାରୀ ଅଧିକାରୀଙ୍କ ଦସ୍ତଖତ ମଧ୍ୟ ସମାନ ନାହିଁ। ରସିଦ୍ ନଂ ୦୧୪୩୩୬୪ ଅଟେ। ଉଭୟ ରସିଦରେ ଥିବା ଦସ୍ତଖତ କାହାର ସେ ଦିଗରେ ବଡ ଧରଣର ତଦନ୍ତ ହେବାର ଆଶା ପ୍ରକଟ ହୋଇଛି। ତେବେ ହୋଇଥିବା ଅଭିଯୋଗରୁ ଜଣାଯାଇଛି ଯେ ଗତ ୨୦୧୯ ମସିହା ଜୁଲାଇ ୧୨ତାରିଖରେ ବେଆଇନ୍ ଭାବେ ଲଘୁ ଖଣିଜ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜନୈକ ଗାଡି ଚାଳକଙ୍କଠାରୁ ୪୦ହଜାର ଟଙ୍କା ଜୋରିମାନା ଆଦାୟ କରିଥିଲେ। ଆଦାୟ ହୋଇଥିବା ୪୦ହଜାର ଟଙ୍କାରୁ ମାତ୍ର ୪ ହଜାର ଟଙ୍କା ସରକାରୀ ତହବିଲରେ ଦାଖଲ କରି ଅବଶିଷ୍ଟ ୩୬ହଜାର ଟଙ୍କାକୁ ସରକାରୀ କର୍ମଚାରୀମାନେ ଆତ୍ମସାତ କରିଥିଲେ। ଏଥିସହ ତହସିଲ ଅଧୀନରେ ବିଭିନ୍ନ ବାଲିଘାଟରୁ ବେଆଇନ୍ ଭାବେ ଲିଜ୍ ଅଂଚଳ ବାହାରୁ ରାତି ସମୟରେ ଜେସିବି, ସ୍ୱାମ୍ପ ପମ୍ପ ଆଦି ବ୍ୟବହାର କରି ବାଲି ମାଫିଆମାନେ ତହସିଲ କର୍ମଚାରୀଙ୍କ ସହ ମିଶି ଦୈନନ୍ଦିନ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ କରୁଛନ୍ତି। ଏଥିସହ ତହସିଲ ପକ୍ଷରୁ ବିଭିନ୍ନ ସମୟରେ ଆଦାୟ ହୋଇଥିବା ୟୁଜର ଫି ଅର୍ଥକୁ ଉପଜିଲ୍ଲାପାଳଙ୍କ ବିନା ଅନୁମୋଦନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି।

କାଠ ସହ ୩ ଗାଡି ଜବତ, ୪ ଗିରଫ

କେନ୍ଦୁଝର (ପିଏନ୍): ନିକଟରେ ବନବିଭାଗକୁ ଏକ ବଡ ସଫଳତା ମିଳିଛି। ରାତ୍ରକାଳୀନ ଚେକିଂ ସମୟରେ ୩ ଗାଡି ଜବତ ସହ ବିପୁଳ ପରିମାଣର କାଠ ଜବତ ହୋଇଛି। ବନବିଭାଗକୁ ମିଳିଥିବା ସୂଚନା ଅନୁସାରେ ମୟୁରଭଂଜରୁ କେନ୍ଦୁଝରକୁ ୩ଟି ଗାଡି ଏବଂ ଗୋଟିଏ ଏସ୍‌କର୍ଟ ଗାଡି ଆସୁଥିବା ନେଇ ସୂଚନା ମିଳିଥିଲା। ଡିଏଫ୍‌ଓ ସ୍ୱଂୟମ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ (ଏନ୍‌ଫୋର୍ସମେଣ୍ଟ) ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଜାତୀୟ ରାଜପଥ ୪୯ ଖିରେଇଟାଙ୍ଗିରୀ ଏବଂ ବାଉଁଶୁଳିରେ ୨ଟି ସ୍କ୍ୱାର୍ଡ ରାତି ୧୦ଟା ପର୍ଯ୍ୟନ୍ତ ଜଗିବା ପରେ କାଠ ଗାଡି ନଆସିବାରୁ ଭିନ୍ନ ଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ରାତି ପ୍ରାୟ ୧୦.୩୦ରେ ନିର୍ମାଣାଧୀନ ଖିରେଇଟାଙ୍ଗିରୀ ଟୋଲ୍ ପ୍ଲାଜାରେ ବନବିଭାଗ ଗାଡି ରାସ୍ତା ଉପରେ ଛିଡା ହୋଇଥିବା ଦେଖି ଓଆର୍‌୧୧ଏଫ୍-୭୮୫୪ ନଂ କାଠ ବୋଝେଇ ପିକ୍‌ଅପ୍ ଗାଡି ବନବିଭାଗର ଓଡି୦୯ସି-୮୯୧୪ ଗାଡିକୁ ଧକ୍କା ଦେଇ ପଳାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ୩ଟି ଟ୍ରକକୁ ଧକ୍କା ଦେଇ ଅଟକି ଯାଇଥିଲା। ଗାଡିରେ ଥିବା ୨ଜଣ ଘଟଣାସ୍ଥଳରୁ ପଳାଇ ଯିବାକୁ ସକ୍ଷମ ହୋଇଥିବା ବେଳେ ବନ କର୍ମଚାରୀ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଥିଲେ। ଏହା ପଛେ ପଛେ ଏସକର୍ଟ କରୁଥିବା ମାରୁତୀ ଓଡି୦୧ଏ-୨୯୭୮ କାର ଏବଂ ଅନ୍ୟ ୨ଟି ପିକ୍‌ଅପ ଗାଡି କେନ୍ଦୁଝର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ବେଳେ ବାଉଁଶୁଳିରେ ଏସିଏଫ୍ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଥିବା ଟିମ ଗାଡିଗୁଡିକୁ ରାସ୍ତାରେ ଗାଡି ରଖି ଅଟକାଇଥିଲେ। ୩ଟି ଗାଡି ମଧ୍ୟରୁ ଗୋଟିଏ କାଠ ବୋଝେଇ ଗାଡି ଦ୍ରୁତ ଗତିରେ କେନ୍ଦୁଝର ଆଡକୁ ପଳାଇ ଯିବାକୁ ସକ୍ଷମ ହୋଇଥିବା ବେଳେ ଏସକର୍ଟ କରୁଥିବା କାର ଏବଂ ଗୋଟିଏ ଓଡି୧୧ଏନ୍-୭୭୦୬ ନଂ ବିଶିଷ୍ଟ ମହିନ୍ଦ୍ରା ପିକ୍‌ଅପ୍ ଗାଡି ଜବତ କରିବାରେ ସକ୍ଷମ ହୋଇଛନ୍ତି। ଏହାସହ ଏହି ୨ଟି ଗାଡିରେ ଥିବା ମୟୁରଭଂଜ ଦେଓଗାଁ ଗ୍ରାମର ଗୋଲକ ବିହାରୀ ମହାନ୍ତ(୪୧),ସିପୁନ ମହାନ୍ତ(୧୮),ଏସ.କେ ରମଜାନ(୧୮) ଏବଂ ମୟୁରଭଂଜ ଚମ୍ପାଝର ଗ୍ରାମର ଲୋକନାଥ ମହାନ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଜବତ୍ ୩ଟି ସିଫଟ ଶାଳ କାଠର ମୂଲ୍ୟ ଆନୁମାନିକ ୭୦ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ଏହି ଚଢଉରେ ଏସିଏଫ ଅଜୟ କୁମାର ସାହୁଙ୍କ ସମେତ ଘଟଗାଁ ରେଂଜର ପ୍ରଭାତ କୁଅଁର, ଟାଉନ ଫରେଷ୍ଟର କାଳନ୍ଦି ସା

ମୋ ସହର

ପ୍ରାପ୍ୟ ନ ପାଇବାରୁ ପଂଚାୟତରେ ତାଲା

ହାଟଡିହ(ପିଏନ)- କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଜମ୍ପିରା ପଂଚାୟତରେ ପ୍ରାପ୍ୟ ନ ମିଳିବାରୁ ପ୍ରବାସୀ ଶ୍ରମିକ ପଂଚାୟତରେ ତାଲା ପକାଇଛନ୍ତି । ଏଥିସହ ଶ୍ରମିକମାନେ ଧାରଣା ଦେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା । ବାହାର ରାଜ୍ୟରେ କାମ କରୁଥିବା ଶ୍ରମିକମାନେ ପଂଚାୟତ କ୍ୱାରେଣ୍ଟାଇନ୍‌ରେ ରହିଥିଲେ । କ୍ୱାରେଣ୍ଟାଇନ୍ ଅବଧି ସରିବା ପରେ ସରକାରୀ ନିୟମ ଅନୁସାରେ ଦୁଇ ହଜାର ଟଙ୍କା ମିଳିବା କଥା । କିନ୍ତୁ ତାହା ଅଦ୍ୟାବଧି ମିଳିନି । ଶ୍ରମିକମାନେ ପଂଚାୟତ ଓ ବ୍ଲକ କାର୍ଯ୍ୟଳୟକୁ ଦୌଡି ଦୌଡି କୌଣସି ସୁଫଳ ମିଳି ନଥିଲା । ଶେଷରେ ପୂର୍ଣ୍ଣଚନ୍ଦ୍ର ଜେନା, ଦିଲ୍ଲୀପ ଜେନା, ପ୍ରକାଶ ଜେନା, ଅନନ୍ତ ଦାସ, ପ୍ରମୋଦ ଜେନା, ରାଧାରାଣୀ ଜେନା, ଦୀପକ ଜେନା, ଅନ୍ତର୍ଯ୍ୟାମୀ ମହାଳିକ, ଯାଜ୍ଞସେନୀ ଘଡେଇ ପ୍ରମୁଖ ପ୍ରତିବାଦ କରିବା ସହ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ । ଶ୍ରମିକ ମାନଙ୍କ ପାସ୍ ବହି ଆକାଉଣ୍ଟ ନମ୍ବର ବ୍ଲକ କାର୍ଯ୍ୟାଳୟକୁ ଦିଆଯାଇଛି ଏବଂ ଖୁବ୍ ଶୀଘ୍ର ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ସରପଂଚ ଆଶାଲତା ସା ପ୍ରକାଶ କରିଛନ୍ତି ।

ଲିଜ୍‌ଧାରୀ ଚୟନରେ ଅନିୟମିତତା ଅଭିଯୋଗ

ହାଟଡିହି(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ତରଫରୁ ଅଗଷ୍ଟ ମାସ ୨୫ତାରିଖ ଚିଠି ନଂ ୫୬୪୦ ଅନୁସାରେ ତିନୋଟି ବାଲିଘାଟ ଲିଜ୍ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥି ମଧ୍ୟରୁ ଆଇତିପୁର ପଂଚାୟତ ଅମୃତପୁର ବୈତରମୀ ନଦୀ ବାଲିଘାଟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଯାହାର ଖାତା ନଂ ୧୬୨ ଏବଂ ପ୍ଲଟ୍ ନମ୍ବର ୯୮୩/୯୮୯ ଅଟେ । ମୋଟ୍ ୧୦ଜଣ ଟେଣ୍ଡରଧାରୀ ଅଂଶଗ୍ରହଣ କରିଥିଲେ । ସେପ୍ଟେମ୍ବର ୨୪ତାରିଖ ଟେଣ୍ଡର ଖୋଲା ଯାଇଥିଲା । ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ଅଧିକ ମୂଲ୍ୟରେ ଟେଣ୍ଡର ପକାଇ ଥିବା ବ୍ୟକ୍ତିଙ୍କ ନାମ କ୍ରମାନୁସାରେ ପ୍ରକାଶ ପାଇଥିଲା । କିନ୍ତୁ ଡକ୍ୟୁମେଣ୍ଟ ଠିକ୍ ନଥିବା ଟେଣ୍ଡରଧାରୀଙ୍କୁ ଚୟନ କରାଯାଇଥିଲା ଅନ୍ୟ ଜଣେ ଟେଣ୍ଡରଧାରୀ ବିଶ୍ୱଜିତ୍ ଦାସ ଅଭିଯୋଗ କରିଛନ୍ତି । ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ନିଜର ଅଭିଯୋଗ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଓ ହାଟଡିହି ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଉଚିତ୍ ପଦକ୍ଷେପ ନିଆ ନଗଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ବିଶ୍ୱଜିତ୍ ପ୍ରକାଶ କରିଛନ୍ତି ।

ରାଜ୍ୟ ଭାରତ ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,(ପିଏନ)- ଓ ଡି ଶ । ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ୯୦ତମ ରାଜ୍ୟ ପରିଷଦ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ରାଜ୍ୟ ସଭାପତି ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ର, ଓଡ଼ିଶା ସରକାରଙ୍କର ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ରଥ, ରାଜ୍ୟ ଗାଇଡ୍ କମିଶନର ଡଃ ଶ୍ରୀମତୀ ସିପ୍ରା ନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ. ବିଶ୍ୱଜିତ୍ ଘୋଷ, କାଉନ୍‌ସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ଉପ ସଭାଧ୍ୟକ୍ଷ ଶ୍ରୀ ବୃନ୍ଦାବନ ଶତପଥୀ, ରାଜ୍ୟ ସଂପାଦକ ଶ୍ରୀ ରାମମୂର୍ତ୍ତି ଦୋରା, କୋଷାଧ୍ୟକ୍ଷ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଏବଂ ପରିଷଦର ବହୁ ସଦସ୍ୟ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଦିବଂଗତ ସ୍କାଉଟ ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ ଏକମିନିଟ୍ ନିରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ଦ୍ୱାରା ବର୍ଷ ବ୍ୟାପୀ ରାଜ୍ୟ ସଂଗଠନ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ କରାଯାଇଥିବା ବହୁମୁଖି କାର୍ଯ୍ୟ ସମ୍ପାଦନ ଦ୍ୱାରା ରାଜ୍ୟ ସଂଗଠନ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଉପରେ ସଭ୍ୟମାନଙ୍କୁ ଆଲୋକପାତ କରିଥିଲେ ।

୫୦ କିଗ୍ରା ଗଞ୍ଜେଇ ସମେତ କାର୍, ବାଇକ୍ ଜବତ : ୪ ଗିରଫ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳର ପେନାଗିରୀ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍ ଭିତରୁ ଦୁଇଟି ବସ୍ତାରେ ଚାଲାଣ ହେଉଥିବା ୫୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ, ଆଜି ଫିରିଙ୍ଗିଆ ଥାନା ପୋଲିସ କୌଣସି ସୂତ୍ରରୁ ଏହି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସେଠାରେ ଗାଡି ସବୁ ତଲାସି କରୁଥିବା ବେଳେ ସେଠାରେ ଗୋଟିଏ ଧଳା ରଙ୍ଗର ଇଣ୍ଡିଗୋ କାର୍ ନଂ (ଓଆର-୦୨ବିଟି-୧୭୨୬) ଆସିଥିଲା । ସେହି ଗାଡିକୁ ତଲାସି କରିବା ପରେ ପୋଲିସ ସେଥିରୁ ଏହି ଗଞ୍ଜେଇ ପାଇଥିଲା । ସେହି ଗଞ୍ଜେଇ ବୋଝେଇ କାରକୁ ଏସକଟରେ ନେଇ ଆସୁଥିବା ଏକ ଟିଭିଏସ ଆପାଚେ ବାଇକ୍ ନଂ (ଓଡି-୨୫-ଏଚ ୮୫୮୩)କୁ ମଧ୍ୟ ପୋଲିସ ଜବତ କରିଛି । ମାମଲାରେ ଅଭିଯୁକ୍ତ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳର ଦିଲ୍ଲିପ କୁମାର ସାହୁ (୪୧), ଦେବାଶିଷ ସାହୁ(୨୬), ପ୍ରତାପ ବେହେରା(୨୫) ଏବଂ ଫିରିଙ୍ଗିଆ ଥାନା ଅଂଚଳର ବଣ୍ଡଗୁଡା ଅଂଚଳର ଆଲୋକ ନାୟକଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ତେବେ ସେମାନେ ଏହି ଗଞ୍ଜେଇକୁ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି ।

୧୩ ଲକ୍ଷ ଟଙ୍କା ଠକେଇ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ବାଲିଆ ଗ୍ରାମର ୩ଜଣ ବ୍ୟକ୍ତି ଏକ ଠକ ସଂସ୍ଥା ଗଠନ କରି ମହିଳା ମାନଙ୍କ ଠାରୁ ପ୍ରାୟ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି । ସେହି ଗ୍ରାମର ମମତା ରାଉତ , ସୁମିତ୍ରା ସ୍ୱାଇଁ, ବାସନ୍ତୀ ନାୟକ , ମମତା ଗାହାଣ, ନୟନା ସ୍ୱାଇଁ, ଅର୍ଚ୍ଚନା ଗାହାଣ, ରୁବିନା ରାଣୀ ରାଉତ ଓ ମୀନତି ନାୟକ ପ୍ରମୁଖ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଅଭିଯୋଗ ପତ୍ର ଦେବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ବସୁପୁର ଗ୍ରାମର ଅକ୍ଷୟ କୁମାର ମଲିକ, ସରୋଜିନୀ ମଲିକ ଓ ଅଶ୍ୱନି ମଲିକ ଏକ ଜାଲ୍ ସଂସ୍ଥା ଗଠନ କରି ଟଙ୍କା ଲଗାଇ ଅଧିକ ଲାଭ ପାଇବା ପାଇଁ ମହିଳା ମାନଙ୍କୁ ପ୍ରଲୋଭିତ କରିଥିଲେ । ଏହି ମହିଳା ମାନେ ପ୍ରାୟ ୧୩ ଲକ୍ଷ ଟଙ୍କା ସଂପୃକ୍ତ ବ୍ୟକ୍ତି ମାନଙ୍କୁ ଦେବାପରେ ସେମାନେ ଆଉ ଟଙ୍କା ପରିଶୋଧ କରିବାର ନାମ ଧରୁ ନାହାଁନ୍ତି । ଏନେଇ ପୂର୍ବରୁ ମହାକାଳପଡା ଥାନାରେ ଅଭିଯୋଗ କରା ଯାଇଥିଲେ ମଧ୍ୟ ପୋଲିସ ନାମକୁ ମାତ୍ର ୧୯୩/୨୦ରେ ମାମଲା ରୁଜୁ କରି ହାତ ବାନ୍ଧି ବସି ରହିଛି । ଏଣୁ ମହିଳା ମାନେ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହିତ ତାଙ୍କର ଟଙ୍କା ଆଦାୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ନିକଟରେ ଦାବି କରିଛନ୍ତି ।

୧୯ ଲିଟର ବିଦେଶୀ ଚୋରା ମଦ ଜବତ, ୩ ଗିରଫ

କେନ୍ଦ୍ରାପଡା, (ପିଏନ)-କୋଭିଡ-୧୯ କଟକଣା ଲାଗୁ ହୋଇଥିବା ବେଳେ ଚୋରା ମଦ ବ୍ୟବସାୟୀ ମାନେ ସେମାନଙ୍କ ବ୍ୟବସାୟକୁ ଜୋରଦାର ବଢାଇ ଦେଇଛନ୍ତି । କେତେକ ବ୍ୟବସାୟୀ ଭ୍ରାମ୍ୟମାଣ ମଦ ଦୋକାନ ଖୋଲି ଗ୍ରାମାଂଚଳର ବିଭିନ୍ନ ସ୍ଥାନରେ ସେମାନଙ୍କ ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି । ଏଭଳି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ ଓ ଅବକାରୀ ସୁପରିଟେଣ୍ଡ ବାସନ୍ତୀପ୍ରଭା ନାୟକଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଗୁରୁବାର ଚଢାଉ କରି ତିନିଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ ଜବତ କରିଥିବା ଜଣା ପଡିଛି । ଗିରଫ ଆସାମୀ ମାନେ ଚାନ୍ଦୋଳର ଧିରେନ୍ ମଲିକ(୫୨) , ନରିଲୋ ଗାଁର ଗୋକୁଳାନନ୍ଦ ଜେନା(୪୫) ଓ ଗୁଳନଗର ଗ୍ରାମର ଜଳଧର ସେଠୀ (୩୩)ଙ୍କୁ ପିଆର କେସ୍ ନଂ-୭/୨୦,୮/୨୦ ଓ ୯/୨୦ ଆଧାର ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ।

ଭାଗବତପୁର ପଂଚାୟତରେ ବୃକ୍ଷ ରୋପଣ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତର ସିଙ୍ଗିରୀ ଗ୍ରାମ, ବାଲିଆ ତରାପୁର ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ରେ ବୃକ୍ଷ ରୋପଣ କରାଯାଇ ଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମ ବନ୍ଧୁ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ । ବିଡିଓ ସୁଧିର ସିଂ ସମ୍ମାନିତ ଅତିଥି, ସରପଂଚ ଧରଣୀଧର ବେହେରା, ସମିତିସଭ୍ୟ ଧିରେନ୍ଦ୍ର ନାଥ ସ୍ୱାଇଁ , ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଆଗାମୀ ଦିନରେ କେନ୍ଦ୍ରାଡା ବ୍ଲକ ଅଧିନ ପ୍ରାୟ ୧୫୦ କିମି ରାସ୍ତା କଡରେ ବୃକ୍ଷ ରୋପଣ କରାଯିବ ବୋଲି ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିପକ ସାମନ୍ତରାୟ , ଜିଆରଏସ ଲିପିକା ଅଗ୍ନି ହୋତ୍ରୀ ପ୍ରମୁଖ ସୂଚନା ଦେଇଥିଲେ ।

ସ୍ମୃତିରେ ବରିଷ୍ଠ କ୍ରୀଡ଼ାବିତ୍ ସୌମିତ୍ର ବୋଷ(ପୁଲା)

ବାରିପଦା: ବରିଷ୍ଠ କ୍ରୀଡ଼ାବିତ୍ ସୌମିତ୍ର ବୋଷ(ପୁଲା)ଙ୍କ ବିୟୋଗରେ ବାରିପଦା ଷ୍ଟାଡ଼ିୟମ ପରିସରରେ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୟୂରଭଞ୍ଜ କ୍ରୀଡ଼ା ସଂସଦର କର୍ମକର୍ତା ଓ ସଦସ୍ୟ ପ୍ରମୁଖଙ୍କ ସମେତ ମୁଷ୍କାନ, ମୟୂରଭଞ୍ଜ ବ୍ୟାଡ଼ମିଣ୍ଟନ ଆସୋସିଏସନ, ଇଣ୍ଡିପେଣ୍ଡେଂଟ ସ୍ପର୍ଟିଂ କ୍ଲବ, କଳିଙ୍ଗ କ୍ଲବ, ଲେଟ୍-କାଟ୍ କ୍ଲବ, ଲାଲବଜାର କ୍ଲବ, ବିଜେଏମସିସି କ୍ଲବ, ମୟୂରଭଞ୍ଜ ସ୍ପୋର୍ଟସ ପାରସନ୍ସ ଆସୋସିଏସନ ଆଦିର କର୍ମକର୍ତା , ସଦସ୍ୟ ଓ ଆମେ-୮୦ ବ୍ୟାଚର ବନ୍ଧୁମାନଙ୍କ ଉପସ୍ଥିତିରେ ଦିବଂଗତ ବରିଷ୍ଠ କ୍ରୀଡ଼ାବିତ୍‌ଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯିବା ପରେ ତାଙ୍କର ସଫଳ କ୍ରୀଡ଼ା ଜୀବନର ସ୍ମୃତି ଚାରଣ କରାଯାଇଥିଲା । ଏହି ସମୟରେ ବାଲ୍ୟବନ୍ଧୁ ବିଶ୍ୱରଞ୍ଜନ ମହାନ୍ତି, ସତ୍ୟବ୍ରତ ଦାଶ ଓ ଯଯାତୀ କିଶୋର ରାଉତ ପ୍ରମୁଖ ଯୋଗ ଦେଇ ସୌମ୍ୟ ଏକ ନିଆରା ବହୁମୁଖୀ ପ୍ରତିଭା ସମ୍ପନ୍ନ, ସରଳ, ନିଷ୍ଠାବାନ ବ୍ୟକ୍ତିତ୍ୱର ଆଧାରୀ ରହିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସାମାଜିକ ପରିସ୍ଥିତି ଶିକାର ପାଲଟିବା ଦ୍ୱାରା ତାଙ୍କର ବହୁମୁଖୀ ପ୍ରତିଭା ପ୍ରସ୍ଫୁଟିତ ହୋଇପାରିନଥିଲା ବୋଲି ମତପୋଷଣ କରିଥିଲେ । ସେହିପରି ପୂର୍ବତନ କ୍ରିକେଟର ସୁଧାଂଶୁ ଜେନା, ସରୋଜ ବୋଷ, ଲଲାଟେନ୍ଦୁ ବେହେରା, ନାରାୟଣ ଦାସ ପ୍ରମୁଖ ସୌମିତ୍ର ସୌମିତ୍ର ଭଳି ଜଣେ ପ୍ରେରଣା ଦେଇପାରୁଥିବା କ୍ରୀଡ଼ାବିତ୍‌ଙ୍କୁ ମୟୂରଭଞ୍ଜବାସୀ ସବୁଦିନ ନିମନ୍ତେ ହରାଇ ବସିଲା ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ମହାନ୍ତି, ସତ୍ୟଜିତ୍ ମହାନ୍ତି, ଉମେଶ ସାହୁ, ଶ୍ୟାମଲାଲ ଖଣ୍ଡେଲୱାଲ, ସନ୍ତୋଷ ଓତା, ସୋମନାଥ ସିଂହ, ସଞ୍ଜୟ ମାଇତି, ଜିତେନ୍ଦ୍ର ଷଡ଼ଙ୍ଗୀ, ସତ୍ୟବ୍ରତ ସାହୁ, ମନୋଜ ମହାନ୍ତ ତଥା ଆସୋସିଏସନର ବରିଷ୍ଠ ସଦସ୍ୟ ଶରତ ମିଶ୍ର, ପ୍ରଦୀପ ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ । ପରିଶେଷରେ ସ୍ମୃତି ସଭାର ଅଧ୍ୟକ୍ଷ ତଥା ମୟୂରଭଞ୍ଜ କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ରାଜ୍ୟ ସିନିୟରସ୍ତରର ରଣଜିତ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିବା ସମସ୍ତ ଖେଳାଳୀମାନଙ୍କ ମଧ୍ୟରେ ଏକ ବିରଳ ପ୍ରତିଭା ସମ୍ପନ୍ନ କ୍ରୀଡ଼ାବିତ୍ ରହିଥିଲେ । ମୟୂରଭଞ୍ଜ ଜିଲ୍ଲାରେ କ୍ରିକେଟ ଖେଳର ସର୍ବାଙ୍ଗୀନ ଉନ୍ନତି ଦିବଂଗତ ପୁଲାଭାଇଙ୍କ ନିମନ୍ତେ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ଏବଂ ଏଥି ନିମନ୍ତେ ସମସ୍ତେ ସହଯୋଗର ହାତ ବଢ଼ାଇ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ।

ମାଲକାନଗିରି ଜିଲ୍ଲାରେ ଆଉ ୧୭ କରୋନା ପଜିଟିଭ୍ ଚିହ୍ନଟ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାରେ ଆଜି ଆଉ ୧୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୪୯୦ କୁ ବୃଦ୍ଧି ପାଇଛି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ କେୟାର ସେଂଟରରେ ଭର୍ତି କରାଯାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ମାଲକାନଗିରି ପୌରାଚଂଳରୁ ୯ ଜଣ, ବାଲିମେଳା ଏନଏସିରୁ ଜଣେ, ମାଥିଲି ବ୍ଲକରୁ ୨ ଜଣ, ମାଲକାନଗିରି ବ୍ଲକରୁ ଜଣେ, କୋରକୁଣ୍ଡାରୁ ଜଣେ, କାଳିମେଳା ବ୍ଲକରୁ ୨ ଜଣ ଚିତ୍ରକୋଣ୍ଡା ବ୍ଲକରୁ ଜଣେ ଆକ୍ରାନ୍ତ ରହିଛନ୍ତି । ଏମାନଙ୍କ ମଧ୍ୟରେ ୪ ଜଣ କରୋନା ଯୋଦ୍ଧା ରହିଛନ୍ତି । ଆଜି ଚିହ୍ନଟ ୧୭ ଆକ୍ରାନ୍ତଙ୍କ ମଧ୍ୟରୁ ୧୫ ଜଣ ବିଭିନ୍ନ କ୍ଲିନିକରୁ ରେଫର୍ ହୋଇ ଚିକିତ୍ସା ନିମନ୍ତେ ମେଡିକାଲକୁ ଆସି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି ଘରକୁ ଘର ବୁଲି ମେଡ଼ିକାଲ ଟିମ୍ ର ସର୍ଭେଲାନ୍ସ ବେଳେ ଦୁଇ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲ୍ଲାରେ ୨ ୧୧୦ ଆକ୍ରାନ୍ତ ସୁସ୍ଥ ହେଲେଣି । କରୋନାଜନିତ ସକ୍ରିୟ ମାମଲା ୩୭୩ ରହିଛି । ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୭ ରହିଛି ।

କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୩ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୧ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି ।

ଭଦ୍ରକ ଜିଲାରେ ୭୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ, ଚରମ୍ପା ଏସ୍‌ବିଆଇ, ଆଇସିଆଇସିଆଇ ବ୍ୟାଙ୍କ ସିଲ୍ ଓ କୋଭିଡ୍ ସଚେତନତା ସମୀକ୍ଷା ବୈଠକ

ଭଦ୍ରକ: ଭଦ୍ରକ ଜିଲ୍ଲାରୁ ୭୧ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସମୟରେ ୧୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ୧୧୨୩ ଜଣଙ୍କ ନମୁନା ପରୀକ୍ଷା ପରେ ଏହି ସଂଖ୍ୟକ ଆକ୍ରାନ୍ତ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୮୧୭୯ ଏବଂ ମୋଟ ସୁସ୍ଥଙ୍କ ସଂଖ୍ୟା ୭୬୬୯ । ଏବେ ସକ୍ରିୟ ଆକ୍ରାନ୍ତ ୪୮୪ଜଣ ଅଛନ୍ତି । ଏ ପର୍ଯ୍ୟନ୍ତ ମୋଟ ୩ଲକ୍ଷ ୩୪ ହଜାର ୯୧୪ଜଣଙ୍କ ନମୁନା ପରୀକ୍ଷା ହୋଇଛି । ନୂଆ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଏମ୍‌ସ ଭୁବନେଶ୍ୱରରେ ଭଦ୍ରକ ବ୍ଲକର ୨ଜଣ ଓ ବାସୁଦେବପୁର ଆନ୍ଦୋଳା ପଂଚାୟତର ଜଣେ, ଏସସିବିରେ ଭଦ୍ରକ ବ୍ଲକର ଜଣେ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ବ୍ଲକର ବରଣ୍ଡୁଆରୁ ଜଣେ, ଗୁଆଗଡ଼ିଆ ଗ୍ରାମରୁ ଜଣେ, ପଦ୍ମପୁର ଗ୍ରାମରୁ ୨ଜଣ, ସୁଦର୍ଶନପୁର ଗ୍ରାମରୁ ଜଣେ, ବାସୁଦେବପୁର ପୌରପାଳିକାର ମନ୍ଦାରି ଗ୍ରାମରୁ ଜଣେ, ଭଦ୍ରକ ବ୍ଲକର ଅଣ୍ଟେଇପଲୀ ଗ୍ରାମରୁ ୪ଜଣ, ଗେଲପୁରରୁ ୨ଜଣ, ଜଳଙ୍ଗାରୁ ଜଣେ, ଶିରାପୁରରୁ ଜଣେ,

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରକ୍ଷକ
ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक

Bhubaneswar Saturday April 24, 2021 | ଭୁବନେଶ୍ୱର ଶନିବାର, ଅପ୍ରେଲ ୨୪,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ବି.ଏନ୍. ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ କମିଟି ବୈଠକ

ଆନନ୍ଦପୁର: ଆନନ୍ଦପୁର ବି.ଏନ୍. ହାଇସ୍କୁଲର ମୋ ସ୍କୁଲ ଅଭିଯାନ କମିଟି ବୈଠକ ଆଜି ସ୍କୁଲ ପ୍ରାଙ୍ଗଣରେ ସଭାପତି ଜିନିୟର ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସ୍କୁଲର ଖେଳ ପଡିଆରେ ପ୍ରାଚୀର ନିର୍ମାଣ, ସ୍କୁଲ ଅଡିଟୋରିୟମର ଉନ୍ନତିକରଣ, ପାନୀୟ ଜଳର ସୁବ୍ୟବସ୍ଥା, ଅପ୍ରେଲ ମାସରେ ସ୍କୁଲର ପ୍ରଧାନଶିକ୍ଷକ ଅବସର ନେବା ସହିତ ୩ଜଣ ଶିକ୍ଷକ ଅବସର ନେଉଥିବାରୁ ଖାଲି ପଡିଥିବା ସ୍ଥାନ ଗୁଡିକୁ ଶୀଘ୍ର ପୂରଣ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ଆନନ୍ଦପୁରର ବିଧାୟକଙ୍କୁ ସ୍କୁଲର ସମସ୍ୟା ବିଷୟରେ ଜଣାଇ ପ୍ରତିକାର କରିବା ପାଇଁ ଏକ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି । ଏହି ଅବସରରେ ରାସ୍ତା ଓ ଗୃହ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଜି ପରିଦର୍ଶନ କରି ଖେଳ ପଡିଆ ଓ ଅଡିଟୋରିୟମ୍ ସହିତ ସ୍କୁଲ ପରିଦର୍ଶନ କରିଥିଲେ । ମୋ ସ୍କୁଲ ଅଭିଯାନ କମିଟିର ସମ୍ପାଦକ ମହେଶ୍ୱର ସାହୁ ବୈଠକକୁ ସଞ୍ଚାଳନ କରିଥିଲେ ଓ ସ୍କୁଲ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ସାହୁ, ପ୍ରଧାପକ ରମାକାନ୍ତ ନାୟକ, ସୁଶିଲ କୁମାର ହୋତା, ଦୁର୍ଗାଚରଣ ଦଳେଇ, ବିନୋଦ ବିହାରୀ ମିଶ୍ର, ରବିନ୍ଦ୍ର କୁମାର ସା, ପବିତ୍ର ମୋହନ ବେହେରା, କୀର୍ତ୍ତନ ବିହାରୀ ସାହୁ, ଶ୍ରୀଧର ଦଳେଇ, ସୁରେନ୍ଦ୍ର ଦଳେଇ, ରଘୁନାଥ ପଣ୍ଡିତ, ଅଶୋକ କୁମାର ସାହୁ, ଗଗନ ଭଟ୍ଟାଚାର୍ଯ୍ୟ, ଲକ୍ଷ୍ମୀଧର ମିଶ୍ର, ଲକ୍ଷ୍ମୀଧର ସାହୁ, ଶତ୍ରୁଘନ ସାହୁ, ନିରାକାର ଦଳେଇ, ଅଶିତ୍ କୁମାର ନାୟକ, ନିରଂଜନ ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ସଂଗ୍ରାମ ମଙ୍ଗଲ, ସତ୍ୟନାରାୟଣ ମହାନ୍ତି, ପ୍ରଦୀପ କୁମାର ପାତ୍ର, ଶିକ୍ଷକ କେଶବ ଚନ୍ଦ୍ର ମିଶ୍ର, ପୁଷ୍ପାଳି ପାଠକ, କାହ୍ନୁ ଚରଣ ରାଉଳ, ରମେଶ ଚନ୍ଦ୍ର ନନ୍ଦ, ଗୋପବନ୍ଧୁ ସ୍ୱାଇଁ, ସତ୍ୟନାରାୟଣ ପଟ୍ଟନାୟକ, ରତିକାନ୍ତ ଦେବତା, ସୁପ୍ରିତି ଲକ୍ଷକୁଣ, ଶୈବାଳିନୀ ମିଶ୍ର, ନରେନ୍ଦ୍ର ପଣ୍ଡା, ରବି ଯେନା, ବାପି ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ।

ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ବିଚାରାଧିନ ସତ୍ତ୍ୱେ ପ୍ରଶାସନ କାନପୁର ବିସ୍ଥାପିତଙ୍କ ଘର ଭାଙ୍ଗିଲା

କେନ୍ଦୁଝର : ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ୧୬ ଗୋଟି ରାଜସ୍ୱ ଗ୍ରାମକୁ ଉଠାଇବା ନିମନ୍ତେ ପ୍ରଶାସନ ନୋଟିସ ଜାରି କରିଥିଲା । କିନ୍ତୁ ପ୍ରଶାସନ ତରଫରୁ ପୁନର୍ବାସ ଏବଂ ଥଇଥାନ ନୀତି-୨୦୦୬ କୁ ପ୍ରଶାସନ ବିସ୍ଥାପିତ ପରିବାରଗୁଡିକ ନିମନ୍ତେ ଅଦ୍ୟାବଧି ପାଳନ କରି ନାହାନ୍ତି । ବିସ୍ଥାପିତଙ୍କ ଉପଯୁକ୍ତ ସର୍ଭେ କରାଯାଇନାହିଁ । ନୂତନ କଲୋନୀ ଗୁଡିକରେ ବିସ୍ଥାପିତ ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନ,ପୋଖରୀ ଖନନ,ପାନୀୟ ଜଳ ଯୋଗାଣ,ଆଦିବାସୀଙ୍କ ଧର୍ମାନୁଷ୍ଠାନ ପ୍ରତିଷ୍ଠା,ଶ୍ମଶାନ ନିର୍ମାଣ ପ୍ରଭୃତି ହୋଇନଥିବାରୁ ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ ଓଡିଶା(ଦାସମୋ) ର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀଙ୍କ ତରଫରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ପିଆଇଏଲ ନଂ-୪୯୬୩ ଅଫ୍ ୨୦୨୧ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ମାମଲାର ଶୁଣାଣି କରି ଜନସ୍ୱାର୍ଥ ମାମଲାରେ ଦାଏର ୧୧ଟି ବିଷୟକୁ ଗୁରୁତର ସହ ବିଚାର କରି ତୁରନ୍ତ ପୁନର୍ବାସ ଏବଂ ଥଇଥାନ ନୀତି ପାଳନ ସହ ଆଗାମୀ ୧୧/୫/୨୦୨୧ ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟକୁ ଜଣାଇବା ପାଇଁ ନିର୍ଦ୍ଦେଶ ଥିବାବେଳେ ପ୍ରଶାସନ ତରଫରୁ ଗତ ୧୯/୪/୨୦୨୧ ଓ ୨୧/୪/୨୦୨୧ ରେ ରୁଗୁଡି ଏବଂ ଧୋବାକୁଚୁଡା ଗ୍ରାମକୁ ଉଚ୍ଛେଦ କରାଯାଇଛି ଏବଂ ୪୦ ଜଣ ନିରୀହ ଆଦିବାସୀଙ୍କୁ ଗିରଫ କରାଯାଇଛି ।

ବାସନ୍ତୀଦେବୀଙ୍କ ଦୂର୍ଗାପୂଜା ଅନୁଷ୍ଠିତ

କେନ୍ଦ୍ରାପଡା : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ସାରଙ୍ଗ ଅନ୍ନପୂର୍ଣ୍ଣା ରାଇସମିଲ୍ ଛକ ନିକଟରେ ଶ୍ରୀ ଶ୍ରୀ ବାସନ୍ତୀଦେବୀଙ୍କ ପଞ୍ଚ ଦିନାତ୍ମକ ଦୂର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ ନିୟମ ଅନୁପାଳନ ପୂର୍ବକ ବାସନ୍ତୀଦେବୀଙ୍କ ଦୁର୍ଗା ପୂଜା ପାଳିତ ହୋଇଯାଇଛି । ସୋମବାର ଦିନ ଷଷ୍ଠୀ ବିଲ୍ୱବରଣ, ମଙ୍ଗଳବାର କଳସାଧିବାସ, ଅଷ୍ଟମୀପୂଜା, ସନ୍ଧିପୂଜା, ବଳିଦାନ ଆଦି ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶ୍ରୀ ବାସନ୍ତୀ ଦୂର୍ଗାପୂଜା କମିଟି ପକ୍ଷରୁ ପ୍ରତ୍ୟେହ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଓ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା । ମା'ଙ୍କୁ ଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସୁଥିଲେ । ଏହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ନିମନ୍ତେ ଦୁର୍ଗା ପୂଜା କମିଟିର ସଭ୍ୟ ନିହାର ରଂଜନ ପ୍ରଧାନ, ସତ୍ୟଜିତ କର, ବିଘ୍ନେଶ ସ୍ୱାଇଁ, ଶତ୍ରୁଘ୍ନ ପ୍ରଧାନ, ଭୀମସେନ ପ୍ରଧାନ, ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ପ୍ରଫୁଲ ପତି ପ୍ରମୁଖ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଦଶମୀ ଅବସରରେ ପୂର୍ଣ୍ଣାହୁତି ଓ ବିସର୍ଜନ ଅନୁଷ୍ଠିତ ହୋଇଯାଇଛି ।

ସିଲିଗୁଡିର ଏକ ଦୁର୍ଘଟଣାରେ ଓଡିଆ ଯବାନଙ୍କ ମୃତ୍ୟୁ

ଆନନ୍ଦପୁର: ପଶ୍ଚିମବଙ୍ଗର ସିଲିଗୁଡିର ଏକ ଦୁର୍ଘଟଣାରେ ଜଣେ ଓଡିଆ ଯବାନଙ୍କର ମୃତ୍ୟୁ ଘଟିଛି । ମୃତ ଯବାନ ଜଣକ ହେଲେ ଘଷିପୁରା ବ୍ଲକ ବଳରାମପୁର ପଂଚାୟତ ପାଟଣା ଗ୍ରାମର ଅନନ୍ତ ଚରଣ ପୃଷ୍ଟିଙ୍କ ସାନ ପୁଅ ସୁଦାମ ଚରଣ ପୃଷ୍ଟି (୩୫) । ସୁଦାମ ଗତ କିଛିବର୍ଷ ହେଲା ସିଲିଗୁଡିରେ ନିଜ ପରିବାର ସହିତ ରହୁଥିଲେ । ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ସୁଦାମ ଏକ ବାଇକ୍‌ରେ ପତ୍ନୀ ରଜନୀ ଓ ୫ବର୍ଷର ପୁଅକୁ ନେଇ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଘଟଣାସ୍ଥଳରେ ସୁଦାମଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ଏଠାକୁ ଅଣାଯିବା ନେଇ ପରିବାର ସୂତ୍ରରୁ ଜଣାପଡିଛି । ସୁଦାମ ପାଟଣା ଗ୍ରାମର ଜଣେ ଉତ୍ସାହୀ ଯୁବକ ଭାବରେ ବେଶ୍ ଜଣାଶୁଣା ଥିଲେ । ତାଙ୍କର ଅକାଳ ବିୟୋଗରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

ଝୁମ୍ପୁରା ମୁଖ୍ୟ ରାସ୍ତାକୁ ଜବର ଦଖଲ କରିଥିବା ଦୋକାନୀମାନଙ୍କୁ ତହସିଲ ପ୍ରଶାସନର ଚେତାବନୀ

ଝୁମ୍ପୁରା : କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ମୁଖ୍ୟାଳୟ ଝୁମ୍ପୁରା ବଜାରର ମୁଖ୍ୟ ରାସ୍ତା ଦୋକାନୀମାନଙ୍କ କବ୍ଜାରେ । ଝୁମ୍ପୁରା ବଜାରର ମୁଖ୍ୟ ରାସ୍ତା ଉଭୟ ପାର୍ଶ୍ୱର ସ୍ଥାୟୀ ଓ ଉଠା ଦୋକାନୀମାନେ ସରକାରୀ ନୀତି ନିୟମକୁ ବେଖାତିର କରି ରାସ୍ତା ଜବର ଦଖଲ କରିବା ଫଳରେ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି । ଫଳରେ ଝୁମ୍ପୁରା ତହସିଲଦାରଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୬୭ ଦ୍ୱାରା ତା ୨୩.୪.୨୦୨୧ ରିଖ ଶୁକ୍ରବାର ଦିନ ଡାକବାଜି ଯନ୍ତ୍ର ମାଧ୍ୟମରେ ଝୁମ୍ପୁରା, ଭାଲୁକା ଗ୍ରାମ ର ସମସ୍ତ ଜନସାଧାରଣ ଏବଂ ଝୁମ୍ପୁରା ବଜାର ରାସ୍ତାର ଉଭୟ ପାର୍ଶ୍ୱର ସ୍ଥାୟୀ ଦୋକାନୀ ଓ ଉଠାଦୋକାନୀ ମାନଙ୍କୁ ସୂଚନା ଦିଆଯାଇଛି ଯେ ଜବର ଦଖଲ କରିଥିବା ରାସ୍ତା ଏବଂ ଡ୍ରେନ ଉପରୁ ୭ ଦିନ ଭିତରେ ଅର୍ଥାତ ୩୦ ଏପ୍ରିଲ ସୁଦ୍ଧା ମୁକ୍ତ କରିବା ପାଇଁ । ନଚେତ ସରକାରଙ୍କ ଆଇନ ଅନୁଯାୟୀ ପ୍ରଶାନ ପକ୍ଷରୁ ଆସ'। ତା ୩.୫.୨୦୨୧ ରିଖରେ ସମସ୍ତ ବେନିୟମ ଦୋକାନ ଘର ଓ ଡ୍ରେନ ଉପରେ ଛାଉଣୀ କରିଥିବା କର୍କଟ ଟୀଣ, ଆଜବେଷ୍ଟସ୍ ଏବଂ ପ୍ଲାଷ୍ଟିକ୍ ପାଲ ଆଦି ଉଚ୍ଛେଦ କରାଯିବା ନେଇ ଚେତାବନୀ ଦିଆଯାଇଛି । ସୂଚନା ମୁତାବକ ଝୁମ୍ପୁରା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନୀ ମାନେ ନିଜ ଦୋକାନର ପୂର୍ବ,ପଶ୍ଚିମ ଓ ଉର୍ଦ୍ଧ୍ୱ ଭାଗ ନିଜ ଦଖଲ କୁ ନେବା ସଙ୍ଗେ ସଙ୍ଗେ ଦୋକାନ ର ସାମଗ୍ରୀ ସବୁ ଆଣି ରାସ୍ତା ଉପରେ ରଖୁଛନ୍ତି । ଦୋକାନୀମାନେ ଲୁହା ଖୁଂଟ ପୋତି ଡ୍ରେନ କୁ ଦଖଲ କରିଥିବାରୁ ଗ୍ରାହକ,ଜନସାଧାରଣ,ଯାତ୍ରୀ ତଥା ଯାନବାହାନ ଯିବା ଆସିବାରେ ସମସ୍ୟା ଉପୁଜୁଥିବା ବେଳେ ଅନେକ ସମୟରେ ରାସ୍ତା ଯାମ ହେବାରୁ ଜରୁରୀକାଳୀନ ସେବା ଯଥା ୧୦୨.୧୦୮ ଆମ୍ବୁଲାନ୍ସ ଏବଂ ଦମକଳ ଗାଡି ଘଂଟା ଘଂଟା ଧରି ରାସ୍ତା ଉପରେ ଅଟକିଯାଏ । ଏହା ବ୍ୟତିତ ଅନେକ ଛୋଟବଡ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେବାର ନଜିର ରହିଛି । ପ୍ରଶାସନ ପକ୍ଷରୁ ବାରମ୍ବାର ସୂଚନା ଦେବାପରେ ମଧ୍ୟ ଦୋକାନୀମାନେ କର୍ଣ୍ଣପାତ କରୁ ନଥିଲେ । ଫଳରେ ତହସିଲ ପ୍ରଶାନ ପକ୍ଷରୁ ଏକ ଶକ୍ତ ପଦକ୍ଷେପ ନିଆଯାଇଛି । ପ୍ରଶାସନ ର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

'ଭୁବନେଶ୍ୱର' ପୁସ୍ତକର ବିଶ୍ୱ ଲୋକାର୍ପଣ ୱେବ୍ ଉତ୍ସବ ଅନୁଷ୍ଠିତ

ଟରୋଣ୍ଟୋ / ଫିଲାଡେଲ୍‌ଫିଆ / ରୋଡ୍‌ସ ଆଇଲ୍ୟାଣ୍ଡ / ଲଣ୍ଡନ / ଶାନ୍ତିନିକେତନ / ଭୁବନେଶ୍ୱର : ଏକାମ୍ର କ୍ଷେତ୍ର ଭୁବନେଶ୍ୱରରେ ମହାଦେବଙ୍କର ମହିମାକୁ ଆଧାର କରି ଇଂରାଜୀ ଭାଷାରେ ଲିଖିତ 'ଭୁବନେଶ୍ୱର-ଲର୍ଡ ଶିବଜ୍ ଇଷ୍ଟର୍ଣ୍ଣ ଆବୋଡ୍' ଶୀର୍ଷକ ପୁସ୍ତକ ନିକଟରେ ଅନ୍‌ଲାଇନ୍ ଯୋଗେ ଉନ୍ମୋଚିତ ହୋଇଯାଇଛି । ସର୍‌ନା ଏଜୁକେସନାଲ ଏଣ୍ଡ କଲ୍‌ଚରାଲ ସର୍ଭିସେସ୍ ଦ୍ୱାରା ଲିଖିତ ଓ ପ୍ରସ୍ତୁତ ଏହି ପର୍ଯ୍ୟଟନ କେନ୍ଦ୍ରୀକ ବହିକୁ ଟରୋଣ୍ଟୋସ୍ଥିତ ବିଦ୍ୟା ପବ୍ଲିସିଂ ଇଙ୍କ୍ ମୁଦ୍ରଣ ଓ ପ୍ରକାଶ କରିଛନ୍ତି । ଲାଇଭଷ୍ଟ୍ରିମିଂ ଦ୍ୱାରା ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ସମଗ୍ର ବିଶ୍ୱର ବହୁ ଐତିହ୍ୟ ଓ ପର୍ଯ୍ୟଟନପ୍ରେମୀ ବୁଦ୍ଧିଜୀବୀ ଯୋଗଦେଇଥିବା ଦେଖାଯାଇଥିଲା । ଏକଦା ବିନ୍ଦୁସାଗରର ଚତୁଃପାର୍ଶ୍ୱରେ ୭୦୦୦ ମନ୍ଦିର ଥିବାର ଦୃଷ୍ଟାନ୍ତ ରହିଛି । ଏବେ ଏହାର ସଂଖ୍ୟା ମାତ୍ର ୩୦୦ । ଏହି ପୁସ୍ତକରେ ସନ୍ନିବେଶିତ କିମ୍ବଦନ୍ତୀଠାରୁ ଆରମ୍ଭ କରି ପୌରାଣିକ ତଥ୍ୟ ତଥା ସ୍ଥାପତ୍ୟ ଠାରୁ ନେଇ ଭାସ୍କର୍ଯ୍ୟ ଓ ଆଧାତ୍ମିକତା ପର୍ଯ୍ୟନ୍ତ ପରିବ୍ୟାପ୍ତ ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ସମ୍ପର୍କରେ ଚିତ୍ରକଳା ଏବଂ ଅଙ୍କନ ମାଧ୍ୟମରେ ବେଶ୍ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି । ଖୁବ୍ ସରଳ ଓ ଲୋକଙ୍କ ବୁଝିବା ଭାଷାରେ ଲିଖିତ ଏହି ପୁସ୍ତକ ଦେଶବିଦେଶରେ ପାଠକ ଏବଂ ପର୍ଯ୍ୟଟକମାନଙ୍କ ଦ୍ୱାରା ବେଶ୍ ଆଦୃତ ହେବ ବୋଲି ବକ୍ତାମାନେ ଏହି ଅବସରରେ ସୂଚାଇଥିଲେ । ଭର୍ଚୁଆଲ୍ ସଭା ଆରମ୍ଭରେ ସୁଦକ୍ଷ ସଂଯୋଜକ ପ୍ରଶାନ୍ତ ଭୂୟାଁ ତାଙ୍କର ସ୍ୱାଗତ ଭାଷଣ ପ୍ରଦାନ କରି ବହି ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶିବଙ୍କର ପୀଠସ୍ଥଳୀ ଭୁବନେଶ୍ୱରର ବିଭିନ୍ନ ମନ୍ଦିରର ମହତ୍ୱ ଉପରେ ବିଂଶ ଶତାବ୍ଦୀର ଆରମ୍ଭରୁ ଲେଖାଯାଇଥିବା ପୁସ୍ତକଗୁଡ଼ିକ ଉପରେ ଶ୍ରୀ ଭୂୟାଁ ବିଶଦ ଭାବେ ଆଲୋକପାତ କରିଥିଲେ । ଏହାପରେ ପ୍ରଖ୍ୟାତ ସଂଗୀତଜ୍ଞ ସୁସ୍ମିତା ଦାସ ଶିବସ୍ତୁତି ଗାନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ ।ୱେବ୍ ବୈଠକକୁ ସମ୍ବୋଧନ କରି ସମ୍ମାନିତ ଅତିଥି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ବସା ପୁସ୍ତକଟିର ଉଚ୍ଚକୋଟୀର ଲେଖା, ସମାବେଶିତ ଦୁର୍ଲଭ ବିଷୟବସ୍ତୁ, ସୁନ୍ଦର ଉପସ୍ଥାପନା ଏବଂ ଗୁଣାତ୍ମକ ପ୍ରକାଶନର ଭୂରୀଭୂରୀ ପ୍ରଶଂସା କରିଥିଲେ । ଐତିହ୍ୟ ଏକାଧାରରେ ଅତୀତର ପ୍ରତିଫଳନ ଏବଂ ଭବିଷ୍ୟତର ଅବଲୋକନ ବୋଲି ଉଲ୍ଲେଖ କରି ପ୍ରଫେସର ବସା, ଐତିହ୍ୟର ପ୍ରୋତ୍ସାହନ କେବଳ ବିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ନୁହଁ ବରଂ ଅଧିକରୁ ଅଧିକ ସାଧାରଣ ଲୋକଙ୍କ ସାମିଲ ଦ୍ୱାରା ଅଧୀକ ସମ୍ଭବପର ହେବ ବୋଲି କହିଥିଲେ । ଐତିହ୍ୟକୁ ଜନସାଧାରଣଙ୍କ ନିକଟରେ ପହୁଁଚାଇବା ପାଇଁ 'ଭୁବନେଶ୍ୱର' ପୁସ୍ତକ ବିଶେଷ ସହାୟକ ହୋଇପାରିବ ବୋଲି ପ୍ରଫେସର ବସା ଦୃଢ଼ ଆଶା ପ୍ରକଟ କରିଥିଲେ ।ଇଣ୍ଟରନେଟ୍ ସମାବେଶରେ ଉଦ୍‌ବୋଧନ ଦେଇ ସମ୍ମାନିତ ବକ୍ତା ଭୁବନେଶ୍ୱରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଏଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟର ପ୍ରାଧାପକ ଆଦ୍ୟାଶା ଦାସ, ବହିଟିରେ ବାସ୍ତବିକ ଏବଂ ଅବାସ୍ତବିକ ବସ୍ତୁଗୁଡ଼ିକର ଅନନ୍ୟ ଓ ଅପୂର୍ବ ସମାହାର ଘଟିଛି ବୋଲି ସୂଚାଇଥିଲେ । ଏହା ସାମ୍ପ୍ରତିକ ନୂଆଯୁଗର ନିଆରା ଏବଂ ଖାଣ୍ଟି ପର୍ଯ୍ୟଟକମାନଙ୍କ ପାଇଁ ସଠିକ୍ ମାର୍ଗଦର୍ଶକ ସ୍ଥାପିତ ହେବ ବୋଲି ଶ୍ରୀମତୀ ଦାସ ଦମ୍ଭ ପ୍ରକାଶ କରିଥିଲେ । ସମାଜର ଅଧକ୍ଷ କିଶୋର ଦ୍ୱିବେଦୀ ଭୁବନେଶ୍ୱରକୁ ସାରା ପୃଥିବୀର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ଏହି ପୁସ୍ତକ ସାକାରତ୍ମକ ଭୂମିକା ନିର୍ବାହ କରିବ ବୋଲି ମତ ପ୍ରକାଶ କରିଥିଲେ । ସର୍‌ନାର ପ୍ରତିଷ୍ଠାତା ଜୀତୁ ମିଶ୍ର, ଓଡ଼ିଶାର ଗାଁ ଗହଳର ଅସଲ କଥା, ଦେଶ ବାହାରେ ବ୍ୟାପକ ଭାବେ ପ୍ରଚାର, ପ୍ରସାର ନ ହେବା ଫଳରେ ରାଜ୍ୟକୁ ଯଥୋଚିତ ପରିଚିତି ମିଳିପାରି ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ବିଶ୍ୱ ଦରବାରରେ ଆର୍ଥିକ ଓ ସାଂସ୍କୃତିକ ସମ୍ପାନକୁ ଭିତ୍ତି କରି ଦଣ୍ଡାୟମାନ ହେବାକୁ ହେଲେ ଆମର ହସ୍ତଶିଳ୍ପ ଏବଂ ପ୍ରୟୋଗାତ୍ମକ ପର୍ଯ୍ୟଟନର ଭିତ୍ତିଭୂମିକୁ ସଶକ୍ତ ଓ ସମୃଦ୍ଧ କରିବାକୁ ପଡ଼ିବ ବୋଲି ଶ୍ରୀ ମିଶ୍ର କହିଥିଲେ । ସରନାର ଅନ୍ୟତମ ସଂସ୍ଥାପକ ରୋଜାଲିନ ଦାଶ ଓ ଡକ୍ଟର ସୁଶ୍ରୀ ମହାନ୍ତି, ତାଙ୍କଦ୍ୱାରା ନବଗଠିତ ସଂସ୍ଥାର ଆଭିମୁଖ୍ୟ ଘୋଷଣା କରିବା ସାଙ୍ଗକୁ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ । ବିଦ୍ୟା ପବ୍ଲିସିଂ ଇଙ୍କ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତନ୍ମୟ ପଣ୍ଡା, ପୁସ୍ତକର ପ୍ରୋତ୍ସାହକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଆୟୋଜକ ଅକ୍ଷୟ ମହାନ୍ତି ଓଡ଼ିଶା ଓ ଓଡ଼ିଆଙ୍କର ଗୁଣବତ୍ତାକୁ ଉତ୍ସାହିତ କରିବା ଉପରେ ଜୋର୍ ଦେଇଥିଲେ । ଧୀରେନ୍ଦ୍ର କର, ବହିଟି ଆମାଜନ୍‌ରେ ବହୁଳ ଭାବେ ବିକ୍ରି ହେବ ବୋଲି ସୂଚାଇଥିଲେ । ଲାଲୁ ମାନସିଂହ ବହିଟିକୁ ଅନ୍‌ଲାଇନ୍ ଯୋଗେ ଉପଲବ୍ଧ କରିବାକୁ ପରାମର୍ଶ ଦେଇଥିଲେ । ଅର୍ଜୁନ ପୁରୋହିତ, ସ୍ମାର୍ଟସିଟି ଭୁବନେଶ୍ୱର ପୁରୁଣା ଓ ନୂଆ ମିଶ୍ରଣର ଏକ ବିଚିତ୍ର ଅଭ୍ୟୁଦୟ ବୋଲି ଉଲ୍ଲେଖ କରିଥିଲେ ।ଶାନ୍ତି ନିକେତନରୁ କୈଳାସ ପଟ୍ଟନାୟକ, ପୁସ୍ତକର ପ୍ରକାଶନ ପାଇଁ ସଦିଚ୍ଛା ଓ ଶୁଭେଚ୍ଛା ଜଣାଇଥିଲେ । ବସନ୍ତ କୁମାର ପଣ୍ଡା ବହିଟି ସୂଚନାତ୍ମକ ବୋଲି ଅବତାରଣା କରିଥିଲେ । ନିରନ ମିଶ୍ର, ଆମର ହୃତଗୌରବର ପୁନଃଉଦ୍ଧାର କରାଯିବା ପାଇଁ ଆହ୍ୱାନ ଜଣାଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଥାଇଲାଣ୍ଡରୁ ଆଦ୍ରିଶ ବ୍ରହ୍ମଦତ୍ତ, ଓଡ଼ିଶାରୁ ସୁଦର୍ଶନ ଚିତ୍ରକର, କୁଏତ୍‌ରୁ ତୁଷାରକାନ୍ତି ମିଶ୍ର, ବାଙ୍ଗାଲୋରରୁ ପ୍ରସନ୍ନ ଭଗବାନ, ଲଣ୍ଡନରୁ ଡଃ ପ୍ରକାଶ ଦେ, ଟରୋଣ୍ଟୋରୁ ଶ୍ରୀ ଗୋପାଳ ମହାନ୍ତି, ଟରୋଣ୍ଟୋରୁ ଗଗନ ପାଣିଗ୍ରାହୀ, ଆମେରିକାରୁ ଚନ୍ଦ୍ରା ମିଶ୍ର, ବାଙ୍ଗାଲୋରରୁ ତାପସ ରାଜ ପ୍ରମୁଖ ଚର୍ଚ୍ଚାରେ ଭାଗ ନେଇ ଉଭୟ ସର୍‌ନା ଏବଂ ବିଦ୍ୟା ପବ୍ଲିସିଂର ପ୍ରଥମ ପ୍ରସ୍ତୁତି ଭାବରେ ଏହି ପୁସ୍ତକ ଉନ୍ମୋଚନ ଅବସରରେ ଉଭୟ ଅନୁଷ୍ଠାନକୁ ଶୁଭକାମନା ଜଣାଇବା ସାଙ୍ଗକୁ ସେମାନଙ୍କର ଉତ୍ତୋରଉତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟା ପବ୍ଲିସିଂ ଇଙ୍କ୍‌ର ସହପ୍ରତିଷ୍ଠାତା ଓ ସି.ଇ.ଓ ଡଃ ସୁନନ୍ଦା ମିଶ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍